

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୩ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 JUNE 2021

Vol.No. 32 ■ No. 140 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଟିକାର ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୦୨/୦୬: ମହାମାରୀ କରୋନା ବିରୋଧରେ ଚାଲିଥିବା ଟିକାକରଣକୁ ନେଇ କେନ୍ଦ୍ର ସରକାର ଆପଣାଇଥିବା ଶୈଳୀକୁ ଆଜି ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି। ଲୋକଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଲେ ନ୍ୟାୟପାଳିକା କେବେ ହେଲେ ଚୁପ ବସିବେ ନାହିଁ ବୋଲି କୋର୍ଟ କହିଛନ୍ତି। କେନ୍ଦ୍ର ସରକାର ୪୫+ ବର୍ଗଙ୍କୁ ମାଗଣାରେ ଟିକା ଦେଉଥିବା ବେଳେ ୧୮ରୁ ୪୪ ବର୍ଷ ବର୍ଗର ଲୋକଙ୍କ ଟିକାକରଣ ପାଇଁ ଅର୍ଥର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ଆଭିମୁଖ୍ୟକୁ ସୁପ୍ରିମକୋର୍ଟ ଅଯୌକ୍ତିକର ଓ ଏକପାଖିଆ ବୋଲି କହିଛନ୍ତି। ସେହିପରି ଟିକାକରଣ ଶୈଳୀରେ ଅନେକ ବିଭ୍ରାଟ ଥିବା ସୁପ୍ରିମକୋର୍ଟ କହିବା ସହ କେନ୍ଦ୍ର ସରକାରଙ୍କୁ ଏହା ଉପରେ ସବୁ ତଥ୍ୟ ଦାଖଲ କରିବାକୁ କହିଛନ୍ତି। ଏଥିସହ ଟିକା ପାଇଁ ବଜେଟରେ ହୋଇଥିବା ୩୫ ହଜାର କୋଟିର କଥା ମଧ୍ୟ ସୁପ୍ରିମକୋର୍ଟ ଉଠାଇଛନ୍ତି। ୨୦୨୧ ମସିହା ଡିସେମ୍ବର ୩୧ ସୁଦ୍ଧା ଟିକାର ଉପଲବ୍ଧତା ଓ ଟିକାକରଣ କେନ୍ଦ୍ର ସରକାର କ'ଣ ସବୁ ଯୋଜନା କରିଛନ୍ତି, ତା'ର ତଥ୍ୟ ମଧ୍ୟ କୋର୍ଟ ମାଗିଛନ୍ତି। କେନ୍ଦ୍ର ସରକାର ଏହା ପୂର୍ବରୁ ଡିସେମ୍ବର ସୁଦ୍ଧା ଦେଶର ୧୦୮ କୋଟି ଲୋକଙ୍କୁ ଟିକା ଦିଆଯିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ସ୍ଥିତିକୁ ଦେଖି କେନ୍ଦ୍ର ସରକାର କେବଳ ବିଭ୍ରାନ୍ତ କରିବା ଭଳି ବୟାନ ଦେଉଥିବା ବିରୋଧୀମାନେ କହିଥିଲେ। ଆଜି କୋର୍ଟ ଟିକାକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। କୋର୍ଟ କହିଛନ୍ତି, ବର୍ତ୍ତମାନ ୧୮ରୁ ୪୪ ବର୍ଷ ବର୍ଗର ଲୋକମାନେ କେବଳ ସଂକ୍ରମିତ ହେଉ ନାହାନ୍ତି, ବରଂ ସେମାନଙ୍କ ଶରୀରରେ ସଂକ୍ରମଣର ସାଂଘାତିକ ଲକ୍ଷଣ ଦେଖାଯାଉଛି। ସେମାନଙ୍କୁ ଅଧିକ ସମୟ ହସ୍ପିଟାଲରେ ରହିବାକୁ ପଡୁଛି ଓ ଦୁର୍ଭାଗ୍ୟବଶତଃ ପ୍ରାଣ ହରାଇବାକୁ ମଧ୍ୟ ପଡୁଛି। ମହାମାରୀ ତା'ର ରୂପ ବଦଳାଉ ଥିବାରୁ ଯୁବଗୋଷ୍ଠୀଙ୍କୁ ମଧ୍ୟ ଟିକା ଦେବାର ବ୍ୟବସ୍ଥା ହେବା ଉଚିତ। ପ୍ରଥମ ଦୁଇ ଦଫାରେ ଲୋକଙ୍କୁ ମାଗଣାରେ ଟିକା ଦିଆଯାଉଥିବା ବେଳେ ଏବେ ୧୮-୪୪ ବର୍ଷ ବର୍ଗର ଲୋକଙ୍କ ପାଇଁ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଯେତେବେଳେ ଲୋକଙ୍କ ସମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଥିବ, ସେତେବେଳେ ନ୍ୟାୟପାଳିକା ଚୁପ ବସିବ ନାହିଁ। ସମ୍ବିଧାନ ମଧ୍ୟ ଏପରି ଅଧିକାର ଦେଇନାହିଁ ▶▶ପୃଷ୍ଠା ୭

## ଟିକା କିଣିବା ପ୍ରସଙ୍ଗରେ ସବୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଏକାଠି ହେବାକୁ ଆହ୍ୱାନ ଦେଲେ ନବୀନ

ଭୁବନେଶ୍ୱର,୦୨/୦୬ (ନି.ପ୍ର): କରୋନା ଟିକାକରଣ ନେଇ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଟିକା ସଂକଟ ଦୂର କରିବା ନେଇ ସମସ୍ତଙ୍କ ସହମତି ଲୋଡ଼ି ଚିଠି ଲେଖିଛନ୍ତି ନବୀନ। ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ଟିକା ଘୋଷଣା ପରେ ଦେଶରେ ଦେଖାଦେଇଥିବା ଚାହିଦା ମେଂଟାଇବାକୁ କେନ୍ଦ୍ର ସରକାରଙ୍କୁ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ଚିଠି ଲେଖି ଅନ୍ୟରାଜ୍ୟମାନଙ୍କୁ ଅବଗତ କରାଇଛନ୍ତି। ପ୍ରସ୍ତାବ ଉପରେ ଅନ୍ୟ ରାଜ୍ୟମାନେ ମଧ୍ୟ ଆଲୋଚନା କରି ଏକ ଚୂଡ଼ାନ୍ତ ନିଷ୍ପତି ନେବାକୁ ପରାମର୍ଶ ଦେଇଛନ୍ତି । କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରସ୍ତାବରେ ଗ୍ଲୋବାଲ ମାର୍କେଟରୁ ଟିକା କଣି ରାଜ୍ୟମାନଙ୍କୁ ଯୋଗାଇଦେବା ସମ୍ପର୍କରେ ଉଲ୍ଲେଖ ରହିଛି। ଏଥିସହିତ ଟିକାକରଣ କାର୍ଯ୍ୟକ୍ରମର ବିକେନ୍ଦ୍ରୀକରଣ କରାଯାଇ ରାଜ୍ୟମାନଙ୍କୁ ଟିକାକରଣ ନେଇ ଅନୁମତି ଦେବାକୁ ମଧ୍ୟ ପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟର ବହୁସ୍ଥାନରେ ସ୍ଥାନରେ ଇଂଟରନେଟର ସୁବିଧା ନଥିବାରୁ ଏବଂ ଅଧିବାସୀ ଅଧୁଷିତ ଅଂଚଳରେ ଟିକାକରଣ ନେଇ ପଞ୍ଜୀକରଣ ▶▶ପୃଷ୍ଠା ୭

## ବିଜୟଶ୍ରୀ ରାଉତରାୟଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଉତରାୟଙ୍କୁ ଜଣେ ଲୋକପ୍ରିୟ ରାଜନେତା ତଥା ଅମାୟିକ ବ୍ୟକ୍ତିତ୍ୱ ଭାବରେ ବର୍ଣ୍ଣନା କରିଛନ୍ତି। ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କ ପ୍ରିୟଭାଜନ ଥିଲେ। ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଭାବରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦକ୍ଷତାର ସହ ନିର୍ବାହ କରିଥିଲେ। ତାଙ୍କର ବିୟୋଗରେ ଆମ ସମସ୍ତଙ୍କ ପାଇଁ ଏକ ବିରାଟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ବର୍ଗ ଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍ ଗତି କାମନା କରଛନ୍ତି।

## ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପରଲୋକ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟର ସମସ୍ତ ମନ୍ତ୍ରୀ , ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ପିସିସି ସଭାପତି ନିରଂଜନ ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ବିଜୟଶ୍ରୀ ରାଉତରାୟ ମାସେ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ସେ କୋଭିଡ଼ରୁ ଆରୋଗ୍ୟ ହୋଇଥିଲେ ମଧ୍ୟ ଏହାର ପରବର୍ତ୍ତୀ ଜଟିଳତା ଯୋଗୁଁ ଚିକିତ୍ସାଧୀନ ଥିଲେ। ବୁଧବାର ଅପରାହ୍ନରେ ତାଙ୍କର ମୃତ୍ୟୁସଂଖ୍ୟା କମ୍ ରହିଛି । ସେହିଭଳି ଜୁନରେ ସଂକ୍ରମଣ ସଂଖ୍ୟା ଖସିବା ଆରମ୍ଭ ହୋଇଛି। ▶▶ପୃଷ୍ଠା ୭

## ରାଜ୍ୟରେ ଏବେ ସଂକ୍ରମଣ ଖସୁଛି : ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ରାଜ୍ୟରେ କରୋନାର ପିକ ସମୟ ଅତିକ୍ରମ କରି ସାରିଛି। ଏବେ ସଂକ୍ରମଣ କମୁଛି। ଆଗକୁ ଆହୁରି କମିବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ସଂକ୍ରମଣ ମାମଲା ଏବେ ଦିନକୁ ଦିନ କମିବାରେ ଲାଗିଛି। ସେ କହିଛନ୍ତି ଯେ ଆମ ରାଜ୍ୟରେ ବିଳମ୍ବରେ ସଂକ୍ରମଣ ବଢିଥିବାରୁ ଏବେ ଖସୁଛି। ଅନ୍ୟ ରାଜ୍ୟ ତୁଳନାରେ ଆମର ମୃତ୍ୟୁସଂଖ୍ୟା କମ୍ ରହିଛି । ସେହିଭଳି ଜୁନରେ ସଂକ୍ରମଣ ସଂଖ୍ୟା ଖସିବା ଆରମ୍ଭ ହୋଇଛି।

## ଦ୍ୱିତୀୟ ଲହର ସରିନି, ଚିନ୍ତା ବଢ଼ାଇଲା ତୃତୀୟ ଲହର



ଭୁବନେଶ୍ୱର,୦୨/୦୬(ନି.ପ୍ର): ଦେଶରେ ଯେତେବେଳେ କରୋନାର ଦ୍ୱିତୀୟ ଲହର ପ୍ରକୋପ ଧିରେ ଧିରେ କମୁଛି, ସେତିକି ବେଳେ ତୃତୀୟ ଲହର ନେଇ ସତର୍କ କରାଇଛି ଏସବିଆଇର ଏକ ରିପୋର୍ଟ । ରିପୋର୍ଟ ଅନୁସାରେ ଦ୍ୱିତୀୟ ଲହର ଭଳି ଘାତକ ହୋଇପାରେ ତୃତୀୟ ଲହର । କରୋନାର ଦ୍ୱିତୀୟ ଲହରରୁ ଦେଶ ମୁକୁଳିନଥିବା ବେଳେ ତୃତୀୟ ଲହରକୁ ନେଇ ଆସିଛି ସତର୍କବାଣୀ । ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ବିଭିନ୍ନ ସଂସ୍ଥାର ଆକଳନ, କରୋନାରେ ଅଧିକ ପ୍ରଭାବିତ ଦେଶଗୁଡିକର ସ୍ଥିତିକୁ ଅନୁଧ୍ୟାନ କରି ଏସବିଆଇ ଇକୋରାପ୍ ତୃତୀୟ ଲହରକୁ ନେଇ ଏକ ରିପୋର୍ଟ ପ୍ରକାଶ କରିଛି । ଏହି ରିପୋର୍ଟ ଅନୁସାରେ ଦ୍ୱିତୀୟ ଲହର ଭଳି ଘାତକ ହୋଇପାରେ ଭାରତରେ ତୃତୀୟ ଲହର । ଏହା ୯୮ ଦିନ ବା ୩ ମାସରୁ ଅଧିକ ଦିନ ଧରି ଚାଲିପାରେ ବୋଲି ସତର୍କବାଣୀ ଶୁଣାଇଛି ଏସବିଆଇ ରିପୋର୍ଟ । ତେବେ କରୋନା ମୁକାବିଲା ପ୍ରସ୍ତୁତି ଠିକ୍ ରହିଲେ ମୃତ୍ୟୁ ସଂଖ୍ୟାକୁ ରୋକାଯାଇପାରିବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି । ଦ୍ୱିତୀୟ ଲହର ପ୍ରଭାବ ରହିଥିଲା ୧୦୮ ଦିନ, ଦ୍ୱିତୀୟ ଲହରଠାରୁ ତୃତୀୟ ଲହର ଶୀର୍ଷ ଥିଲା ୧.୮ ଗୁଣ । ଭାରତରେ ପ୍ରଥମ ଲହରଠାରୁ ▶▶ପୃଷ୍ଠା ୭

## ମେ' ମାସରେ ଚାକିରି ହରାଇଛନ୍ତି ୧ କୋଟି ୫୩ ଲକ୍ଷ ଲୋକ

ଭୁବନେଶ୍ୱର,୦୨/୦୬(ନି.ପ୍ର): ଭୁବନେଶ୍ୱରରର ଧୀରେନ୍ଦ୍ର ମିଶ୍ର । ୫ ପ୍ରାଣୀ କୁଟୁମ୍ବର ଜଣେ ମାତ୍ର ରୋଜଗାରିଆ ସଦସ୍ୟ । ଧୀରେନ୍ଦ୍ର ଏବେ ବେକାର । କରୋନା ମାଡ଼ରେ ଚାକିରି ଚାଲିଯାଇଛି । ପ୍ରଥମ ଲହର କରୋନାରେ ଅଧା ଧରମା କଟୁଥିଲା, ଏବେ ଚାକିରି ଚାଲି ଯାଇଛି । ଏଭଳି ସ୍ଥିତିରେ ଭଗବାନଙ୍କ କୃପାକୁ ଚାହିଁ ରହିଛନ୍ତି ଧୀରେନ୍ଦ୍ର । ଇଏ କେବଳ ଧୀରେନ୍ଦ୍ରଙ୍କ କାହାଣୀ ନୁହେଁ । କରୋନାର ଦ୍ୱିତୀୟ ଲହର ଯୋଗୁଁ କେବଳ ମେ' ମାସରେ ୧ କୋଟି ୫୩ ଲକ୍ଷ ଲୋକଙ୍କ ଚାକିରି ହରାଇଛନ୍ତି । ଏପ୍ରିଲ ଓ ମେ' ଦୁଇ ମାସରେ ପ୍ରାୟ ୨ କୋଟି ୩୦ ଲକ୍ଷ ଚାକିରି କିମ୍ବା ରୋଜଗାର ହରାଇଛନ୍ତି । ବେକାର ହୋଇ ଚାକିରି ଖୋଜୁଥିବା ଲୋକଙ୍କ ସଂଖ୍ୟା ୧ କୋଟି ୭୦ ଲକ୍ଷରୁ ୫କୋଟିରେ ପହଂଚିଯାଇଛି । ଆଉ ଏହାରି ଭିତରେ ଦେଶର ୯୭ ପ୍ରତିଶତ ପରିବାରର ଆୟ କମିଛି । ସେଂଟର ଫର ମନିଟରିଂ ଇଣ୍ଡିଆନ ଇକୋନମିର ଏହି ତଥ୍ୟ ହିଁ ବୟାନ କରୁଛି କରୋନାର ଦ୍ୱିତୀୟ ଲହର କେମିତି ଲୋକଙ୍କୁ ଅଂଟା ଭାଙ୍ଗି ଦେଇଛି । ସଂକ୍ରମଣ ବଢ଼ିବା ଆଶଙ୍କାରେ ଲକ୍ଡାଉନ୍ ଓ ସଟ୍ଡାଉନ୍ ନିଷ୍ପତି ଭିତରେ ଛୋଟ-ବଡ଼ ଅନେକ ସଂସ୍ଥା ବନ୍ଦ ହୋଇଗଲା । ଏମିତି କି ରାସ୍ତାକଡ଼ରେ ବ୍ୟବସାୟ କରି ଜୀବିକା ▶▶ପୃଷ୍ଠା ୭

## ରାଉରକେଲାରେ ଇସ୍ପାତ୍ ନିଦାନ କେନ୍ଦ୍ରର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆସ୍ଥା ଓ ଭରସା ପ୍ରକଟ କରି ରାଜ୍ୟର ନେତୃତ୍ୱ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କେନ୍ଦ୍ରର ଟିକାକରଣ ନୀତିକୁ ସମର୍ଥନ କରିବା ସହ କେନ୍ଦ୍ର ସରକାରଙ୍କୁ ସମସ୍ତ ରାଜ୍ୟକୁ ଟିକା ଯୋଗାଇ ଦେବା ପାଇଁ ଅନୁରୋଧ କରିଥିବାରୁ ରାଜ୍ୟ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବୁଧବାର ଭିଡିଓ କନଫରେନ୍ସିଂ ଜରିଆରେ ରାଉରକେଲାରେ ୧୦୦ ଶଯ୍ୟା ବିଶିଷ୍ଟ 'ଇସ୍ପାତ୍ ନିଦାନ କେନ୍ଦ୍ର'ର ଲୋକାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଖୋଲା ବଜାରରେ ଟିକା ଉପଲବ୍ଧି ପାଇଁ ଗତ ଏପ୍ରିଲ ମାସ ୧୬ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଏହା ପରେ ଅନେକ ରାଜ୍ୟ ମଧ୍ୟ ଖୋଲା ବଜାରରେ ଟିକା ଉପଲବ୍ଧି ପାଇଁ କେନ୍ଦ୍ର ସରକାରଙ୍କ ▶▶ପୃଷ୍ଠା ୭

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୦ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୦ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଅନୁଗୁଳ ସମେତ କଟକ, କଳାହାଣ୍ଡି ଓ ଖୋର୍ଦ୍ଧାରୁ ଆଜି ୫ ଲେଖାଏଁ ରୋଗୀଙ୍କ ମୃତ୍ୟୁ ଘଟିଛି। ସେହିପରି ଝାରସୁଗୁଡ଼ାରୁ ୪, ବୌଦ୍ଧ ଓ ରାୟଗଡ଼ାରୁ ୩ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଦେବଗଡ଼, ସମ୍ବଲପୁର, ନବରଙ୍ଗପୁରରୁ ୨ ଲେଖାଏଁ ଓ ବାଲେଶ୍ୱର, ଢ଼େଙ୍କାନାଳ, ଯାଜପୁର, ମାଲକାନଗିରିରୁ ଜଣେ ଲେଖାଏଁ ରୋଗୀ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା କ୍ଷୟକ୍ଷତି ଓ ପୁନରୁଦ୍ଧାର ସମୀକ୍ଷା
## ୟାସ୍‌ରେ ୬୧୦ କୋଟି ଟଙ୍କାର କ୍ଷୟକ୍ଷତି

ଭୁବନେଶ୍ୱର,୦୨/୦୬ (ନି.ପ୍ର): ସାମୁଦ୍ରିକ ବାତ୍ୟା ୟାସ୍ ରେ ସମୁଦାୟ ୬୧୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି । ଏଥିରେ ୧୧ ହଜାର ଗ୍ରାମର ୬୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ବାତ୍ୟାରେ ୫୨୦ କୋଟି ଟଙ୍କାର ସରକାରୀ ଭିତିଭୂମି ଓ ୯୦ କୋଟି ଟଙ୍କାର ବ୍ୟକ୍ତିଗତ ସଂପତିର କ୍ଷତି ହୋଇଛି। ରିଲିଫ ପାଇଁ ୬୬ କୋଟି ଟଙ୍କା ଆବଶ୍ୟକ ବୋଲି ବାତ୍ୟା କ୍ଷୟକ୍ଷତି ସମୀକ୍ଷା ବୈଠକରୁ ଜଣାପଡିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ସଂଧାରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ବାତ୍ୟା ୟାସର କ୍ଷୟକ୍ଷତି ଓ ପୁନରୁଦ୍ଧାର କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରି ବାତ୍ୟା ସମୟରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ତଥ୍ୟ ସଂଗ୍ରହ କରି ଉତମ ଭାବରେ ଡକୁମେଂଟେସନ୍ କରିବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ବିଭିନ୍ନ ସଂପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ବାତ୍ୟା ସମୟରେ ଉଲ୍ଲେଖନୀୟ ପଦର୍ଶନ କରି ଲୋକଙ୍କ ଜୀବନ ସୁରକ୍ଷା କରିଛନ୍ତି। ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଅତି କମ୍ ସମୟ ମଧ୍ୟରେ କରାଯାଇପାରିଛି। ▶▶ପୃଷ୍ଠା ୭

## ୩ ଦିନ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୦୨/୦୬ (ନି.ପ୍ର): ଆସନ୍ତା୩ ଦିନ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ଘଂଟା ମଧ୍ୟରେ ରାଜ୍ୟର କନ୍ଧମାଳ, ଗଞ୍ଜାମ, ଗଜପତି ଓ ବୌଦ୍ଧରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବରଗଡ଼, ସମ୍ବଲପୁର ଓ ଅନୁଗୁଳର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ ବ୍ୟତୀତ ଜୁନ ୩ରୁ ୪ ତାରିଖ ମଧ୍ୟରେ ନବରଙ୍ଗପୁର, କୋରାପୁଟ ଓ କନ୍ଧମାଳରେ ବି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୁରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ, କୋରାପୁଟ, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି ଓ ନବରଙ୍ଗପୁରରେ କାଳବୈଶାଖୀ ଆଶଙ୍କା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ବି ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୪ରୁ ୫ ତାରିଖ ମଧ୍ୟରେ ନୂଆପଡା, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ ଓ ଦେବଗଡ ଜିଲ୍ଲାରେ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ରେବତୀ ପରିବାର ପକ୍ଷରୁ ସହାୟତା ପ୍ରଦାନ

ବାଲେଶ୍ୱର,୨/୬ (ନି.ପ୍ର): ମାସିକ ପତ୍ରିକା 'ରେବତୀ' ପରିବାର ପକ୍ଷରୁ ଦ୍ୱିତୀୟ ଲହର କରୋନା ଜନିତ ଲକଡାଉନ ଓ ସଟଡାଉନ ପ୍ରଭାବିତଙ୍କ ସମେତ ବାତ୍ୟା ପୀଡ଼ିତଙ୍କୁ ରିଲିଫ ପ୍ରଦାନ ଜାରି ରହିଛି। ଏନେଇ ରେବତୀ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱରର ରେବତୀ ପ୍ରତ୍ରିକାର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଓ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଯୋଗଦେଇ ଅସହାୟମାନଙ୍କୁ ରିଲିଫ ସାମଗ୍ରୀ ପ୍ରଦାନ କରିଥିଲେ। ଦୀର୍ଘ ୨୦ ବର୍ଷଧରି ପ୍ରତ୍ୟେକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୀଡ଼ିତଙ୍କୁ ଆବଶ୍ୟକ ମୁତାବକ ସହାୟତା ପ୍ରଦାନ କାର୍ଯ୍ୟ ଜାରି ରହିଥିବା ବେଳେ କରୋନା କାଳରେ ମଧ୍ୟ ଜୀବିକା ହରାଇଥିବା ପରିବାରଙ୍କୁ ରାସନ ସମଗ୍ରୀ ପ୍ରଦାନ କରାଯାଉଛି ବୋଲି ସେମାନେ କହିଥିଲେ। ଗୋଟିଏ ପରିବାର ପାଇଁ ଦୈନନ୍ଦିନର ଆବଶ୍ୟକ ମୁତାବକ ୧୫ ଦିନର ରାସନ ସାମଗ୍ରୀ ପ୍ରଦାନ କରାଯାଉଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱରରେ ବନ୍ୟା ବାତ୍ୟା ଲାଗି ରହିଥିବା ବେଳେ ସାଧାରଣ ମାନବିକତା ଦୃଷ୍ଟି କୋଣରୁ ଯତକିଞ୍ଚିତ ସହାୟତା ପ୍ରଦାନ ପାଇଁ ରେବତୀ ପରିବାର ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ପତ୍ରିକାର ସମ୍ପାଦିକା ଶ୍ରୀମତୀ ଜେନା କରିଥିଲେ। ବାଲେଶ୍ୱର ସହରର ଅସହାୟ ବର୍ଗଙ୍କ ସମେତ ବାତ୍ୟାପିଡ଼ିତ ଅଞ୍ଚଳରେ ପହଞ୍ଚି ଏହି ରିଲିଫ ପ୍ରଦାନ କରାଯାଉଥିବା ସେ କହିଛନ୍ତି। ପୂର୍ବରୁ ଷ୍ଟେସନ କୁଲି, ଜୋତା ମିସ୍ତ୍ରୀ, ରିକ୍ସା ଓ ଅଟୋରିକ୍ସା ଚାଳକ ଏବଂ ଖବରକଗଜ ବିତରକଙ୍କୁ ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ସେଲୁନ କାରିଗରଙ୍କୁ ଏହି ସହାୟତା ଦିଆଯାଇଛି। ଏହି ବିପର୍ଯ୍ୟୟ ବେଳେ ୪୦ ହଜାର ପରିବାରକୁ ସହାୟତା ପ୍ରଦାର ଲକ୍ଷ୍ୟ ଥିବା ରେବତୀ ପକ୍ଷରୁ କୁହାଯାଇଛି।

# ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲା : ଅଭିଯୁକ୍ତ ଗିରଫ

ଗଞ୍ଜାମ,୨/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅଂଚଳର ଜନୈକା ନାବାଳିକାଙ୍କୁ ଅପହରଣ, ଦୁଷ୍କର୍ମ ଓ ଗର୍ଭବତୀ କରାଇବା ମାମଲାର ଅଭିଯୁକ୍ତକୁ ପୋଲିସ ୨ ବର୍ଷ ପରେ ଗିରଫ କରିଛି । ଗିରଫ ଯୁବକ ଜଣକ ନାମ ରାମ ନାୟକ । ଏହା ସହ ରାମର ପରିବାର ଲୋକଙ୍କ ନାମରେ ମଧ ଦିଗପହଣ୍ଡି ଥାନାରେ ଏତଲା ହୋଇଥିବା ନେଇ ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି । ୨ ବର୍ଷ ତଳେ ଅଭିଯୁକ୍ତ ରାମ ଉକ୍ତ ନାବାଳିକାକୁ ଗ୍ରାମରୁ ଅପହରଣ କରି ଭୁବନେଶ୍ୱର ନେଇଯାଇଥିଲା । ସେଠାରେ ଉଭୟେ ପତିପତ୍ନୀ ରୂପେ ଚଳୁଥିଲେ । ୯ ମାସ ତଳେ ନାବାଳିକା ଜଣକ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଏହାପରେ ରାମ ନାବାଳିକାକୁ ସାଙ୍ଗରେ ଧରି ଘରକୁ ଫେରି ଆସିଥିଲା । ତେବେ ନାବାଳିକାକୁ ରାମର ବାପା ମା ନିର୍ଯାତନା ଦେବା ଆରମ୍ଭ କରିବା ସହ ବାପ ଘରୁ ଅଧିକ ଯୌତୁକ ଆଣିବା ପାଇଁ କହୁଥିଲେ । ଶାଶୂ ଘର ଲୋକଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ନାବାଳିକା ଜଣକ ପୁତ୍ର ସନ୍ତାନ ସହ ଗତ ୨୪ ତାରିଖରେ ବାପଘରକୁ ଚାଲି ଆସିଥିଲେ । ଏହାପରେ ପୀଡ଼ିତା ନାବାଳିକାର ବାପା ବ୍ରହ୍ମପୁର ଛାଇଲ୍ଡ ଲାଇନ ସହ ଯୋଗାଯୋଗ କରିବା ପରେ କେନ୍ଦ୍ର ସଂଯୋଜକ ସାଇପ୍ରସାଦ ସାମଲ ଓ ଦିଗପହଣ୍ଡି ସିଡ଼ିପିଓ ପୁଷ୍ପାଞ୍ଜଳି ଶତପଥି ତାଙ୍କ ଘରେ ପହଂଚି ମାମଲାର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ । ଚାଇଲ୍ଡ ଲାଇନ୍ କର୍ତୃପକ୍ଷଙ୍କ ପରାମର୍ଶ କ୍ରମେ ଦିଗପହଣ୍ଡି ଥାନାରେ ଏତଲା ଦିଆଯିବା ପରେ କେସ୍ ନଂ ୧୨୭/୨୧ ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ରାମକୁ ଶିଶୁ ଯୌନ ନିରୋଧ ଆଇନ ବଳରେ ପୋଲିସ ଗିରଫ କରିଛି ।

# ମୁନିଗୁଡ଼ା ଏବଂ ବିଷମ କଟକ ଷ୍ଟେସନ ମଧ୍ୟରେ ମଧ୍ୟବର୍ତ୍ତୀ ବ୍ଲକ ସିଗନାଲିକ ସିଷ୍ଟମ କାର୍ଯ୍ୟକ୍ଷମ

ସମ୍ବଲପୁର,୨/୬ (ନି.ପ୍ର): ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳର ଟିଟିଲାଗଡ଼-ରାୟଗଡ଼ା ସେକ୍ସନର ମୁନିଗୁଡ଼ା ଓ ବିଷମ କଟକ ଷ୍ଟେସନ ମଧ୍ୟରେ ମଧ୍ୟବର୍ତ୍ତୀ ବ୍ଲକ ସିଗନାଲିକ ସିଷ୍ଟମ କାର୍ଯ୍ୟକ୍ଷମ ହୋଇଯାଇଅଛି ଯଦ୍ୱାରା ଟ୍ରେନ୍ ପରିଚାଳନା କ୍ଷମତା ସହିତ ଟ୍ରେନ୍ ଚଳାଳନ ସୁଗମ ହୋଇପାରିବ । କୋଭିଡ଼ - ୧୯ ମହାମାରୀ ଓ କମ୍ ମାନବ ସମ୍ବଳ ସତ୍ତ୍ୱେ ଏହି ଆଇବଏସ୍ ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିଛି । ମଧ୍ୟବର୍ତ୍ତୀ ବ୍ଲକ୍ ସିଗନାଲିକ ସିଷ୍ଟମ ହେଉଛି ଏକ କୌଶଳ ଯାହାଦ୍ୱାରା ଦୁଇଟି ସଂଲଗ୍ନ ଷ୍ଟେସନ ମଧ୍ୟରେ ଏକ ବ୍ଲକ ସେକ୍ସନକୁ ଦୁଇ ଭାଗରେ ଏକ ଅତିରିକ୍ତ ସିଗନାଲ ଦ୍ୱାରା ବିଭକ୍ତ କରାଯାଇଥାଏ । ଏବଂ ଏହା ସଂଲଗ୍ନ ଷ୍ଟେସନରୁ ନିୟନ୍ତ୍ରିତ ହୋଇଥାଏ । ସିଗନାଲ ବ୍ୟବସ୍ଥାର ପ୍ରଭାବ ଅତିରିକ୍ତ ମାନବଯୁକ୍ତ ଷ୍ଟେସନ ଉପଲବ୍ଧ କରାଇବା ସହିତ ସମାନ ଅଟେ ଏବଂ ସେକ୍ସନର କ୍ଷମତା ମଧ୍ୟ ବୃଦ୍ଧି ହୋଇଥାଏ । ମଧ୍ୟବର୍ତ୍ତୀ ବ୍ଲକ ସିଗନାଲିକ ସିଷ୍ଟମ ଭବିଷ୍ୟତରେ ବିଫଳତାକୁ ଏଡ଼ାଇବା ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ଏକ୍ସଲ କାଉଂଟର, ୟୁଏସଏଫବିଆଇ, ଇଂଟିଗ୍ରେଟେଡ୍ ପାୱାର ଯୋଗାଣ ଏବଂ ଡାଟା ଲଗର ଭଳି ସିଗନାଲ ଓ ଟେଲିକମ୍ କ୍ଷେତ୍ରର ଆଧୁନିକ ଜ୍ଞାନ କୌଶଳ ବ୍ୟବହୃତ ହୋଇଅଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏହି (ଆଇବିଏସ) ମଧ୍ୟବର୍ତ୍ତୀ ବ୍ଲକ ସିଗନାଲିଙ୍କ ସିଷ୍ଟମର ସଫଳ କାର୍ଯ୍ୟକ୍ଷମ ପାଇଁ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏବଂ ଟିମ୍ ସମ୍ବଲପୁରକୁ ଅଭିନନ୍ଦନ ଜଣାଇଛନ୍ତି ।

# କୋଭିଡରେ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେଲେ ସାଂସଦ

କନ୍ଧମାଳ,୨/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କେଲାପାଡା ଗ୍ରାମର ସୁଶାନ୍ତ ନାୟକ ଗତ ମଇ ମାସ ୨୨ ତାରିଖରେ କୋଭିଡରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ସୁଶାନ୍ତ ଫିରିଙ୍ଗିଆ ବ୍ଲକ ସଂଯୋଜକ ଭାବରେ କାର୍ଯ୍ୟ କରୁଥିଲେ । ସେ ତାଙ୍କର କାର୍ଯ୍ୟକାଳରେ ଦକ୍ଷତାର ସହିତ ଜଣେ ନିଷ୍ଠାବାନ କାର୍ଯ୍ୟକର୍ତା ଭାବରେ ଅତି ଅନ୍ତରିକତାର ସହିତ ତାଙ୍କର ଦାୟୀତ୍ୱ ସମ୍ପାଦନ କରୁଥିଲେ । ତାଙ୍କର ଦେହାନ୍ତରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଶୋକବ୍ୟକ୍ତ କରିବା ସହ ପରିବାର ଲୋକଙ୍କୁ ଏଥିପାଇଁ ସମବେଦନା ଜଣାଇଛନ୍ତି । ତାଙ୍କ ପରିବାରକୁ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସୋମବାର ଦିନ ସାଂସଦ ପ୍ରତିନିଧି ସ୍ୱର୍ଗତ ସୁଶାନ୍ତଙ୍କ ଘରକୁ ଯାଇ ତାଙ୍କ ପତ୍ନୀଙ୍କୁ ସାଂସଦଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଲକ୍ଷ ଟଙ୍କାର ସହାୟତା ରାଶୀର ଚେକ୍ ପ୍ରଦାନ କରିଛନ୍ତି । ସାଂସଦଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ସହାୟତା ପାଇଁ ସୁଶାନ୍ତଙ୍କ ପତ୍ନୀ ସାଂସଦ ଶ୍ରୀ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଋଷିକୂଲ୍ୟାର ଜଳ ବ୍ୟବହାର ପାଇଁ ଗ୍ରାସିମ୍ ଇଣ୍ଡଷ୍ଟ୍ରିକୁ ମଞ୍ଜୁରୀ

ଗଞ୍ଜାମ,୨/୬ (ନି.ପ୍ର): ଗଞ୍ଜାମ ସହରରେ ଥିବା ଗ୍ରାସିମ୍ ଇଣ୍ଡଷ୍ଟ୍ରି ଏଣିକି ଋଷିକୂଲ୍ୟା ନଦୀର ଭୂପୃଷ୍ଠ ଜଳକୁ ବ୍ୟବହାର କରିପାରିବ। ଏନେଇ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ବିଭାଗରୁ ମଞ୍ଜୁରୀ ମିଳିବା ସହ ଏକ ଚିଠି ମାଧମରେ ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି । ଗ୍ରାସିମ୍ ଇଣ୍ଡଷ୍ଟ୍ରି ଗଞ୍ଜାମ ନିକଟ କାଇଁଚପୁର ପଚାଂୟତର କଲ୍ୟାଣପୁର, ଜରାପଦରରେ ବୋରଓ୍ୱେଲ ସାହାଯ୍ୟରେ ପାଣି ନେଇ ଅଫିସର ଓ ଶ୍ରମିକ କଲୋନୀକୁ ଯୋଗାଇ ଆସୁଥିଲା । ପୂର୍ବରୁ ଜୟଶ୍ରୀ କେମିକାଲ ଥିବା ବେଳେ ଦୈନିକ ୧୫୦ ମେଟ୍ରିକ୍ ଟନ୍ କଷ୍ଟିକ୍ ସୋଡ଼ା ଉତ୍ପାଦନ ହେଉଥିଲା । ୨୦୧୬ ରେ ଏହି କାରଖାନାକୁ ଆଦିତ୍ୟ ବିର୍ଲା କିଣିଥିଲା । ପରବର୍ତି ସମୟରେ ଗ୍ରାସିମ୍ (ଆଦିତ୍ୟ ବିର୍ଲା) ଏହାର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୨୦୧୭ ରେ ଏକ ଜନଶୁଣାଣି କରିଥିଲା । ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ପାଣିର ଅଭାବ ଥିବାରୁ ଋଷିକୂଲ୍ୟା ପାଣିକୁ ଆଣି ଏହାକୁ ଫିଲଟର କରିବା ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟରେ ଆବେଦନ କରିଥିଲା । ଋଷିକୂଲ୍ୟା ଜଳକୁ କୌଣସି ଆନିକଟ କରାଯାଇ ସଂରକ୍ଷଣ କରାଯାଇନଥିବା ଓ ଗଞ୍ଜାମ ବ୍ଲକର କୌଣସି ଚାଷଜମିରେ ଉପଯୋଗ ହେଉନଥିବାରୁ ସମସ୍ତ ଦିଗକୁ ତର୍ଜମା କରି ମନ୍ତ୍ରଣାଳୟ ପକ୍ଷରୁ ପାଣି ବ୍ୟବହାର ପାଇଁ ମଞ୍ଜୁରୀ ଦିଆଯାଇଛି ।

## ଅସହାୟଙ୍କୁ ଘରେ ପହଂଚାଇଲା ଆମେ ବିପଦରେ ସାଥି

କୋରେଇ,୨/୬ (ନି.ପ୍ର): କରୋନା ମହାମାରୀ ତାଲା ବନ୍ଦ ସମୟରେ ଅସହାୟଙ୍କ ନିକଟରେ ଖାଦ୍ୟ ପହଂଚାଉଛି ଆମେ ବିପଦରେ ସାଥି । ଆଜି ଖାଦ୍ୟ ବଂଟନ ବେଳେ ଦୁଇ ଜଣ ବୃଦ୍ଧ/ବୃଦ୍ଧା ଟୋଲଗେଟ ନିକଟରେ ଚାଲିଚାଲି ଯାଉଥିବା ଦେଖି ସାଥି ମାନେ ସେମାନଙ୍କୁ ଅଟକାଇ ଥିଲେ । ସେମାନଙ୍କ ଘର କୁଆଖିଆ ମଧୁବନ ବୋଲି ସେମାନେ ପ୍ରକାଶ କରିଥିଲେ । ସେମାନଙ୍କ ପୁଅ ବୋହୂ ପାରାଦୀପରେ ରହୁଥିବା ବେଳେ ପୁତୁରା କେଉଁଝରରେ ରହୁଛି । ସେମାନେ କେଉଁଝର ଯିବାକୁ ଚାହିଁବାରୁ ସଦସ୍ୟ ମାନେ ସେମାନଙ୍କୁ ଖାଇବାକୁ ଦେଇଥିଲେ । ପରେ ସେମାନଙ୍କୁ ପାଣିକୋଇଲି ପୁଲିସ ସହାୟତାରେ ଏକ ଟ୍ରକ ଯୋଗେ କେଉଁଝର ପଠାଇଥିଲେ ।

## ଟିକା ଗ୍ରହଣ କେନ୍ଦ୍ରରେ ଚୋରି

କୋରେଇ,୨/୬ (ନି.ପ୍ର): ପାଣିକୋଇଲି ଉପସ୍ୱାସ୍ଥକେନ୍ଦ୍ରରେ ଆଜି କରୋନା ଟୀକା ଦାନ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ପଥରପଦା ପଂଚାୟତ ଅନ୍ତର୍ଗତ ମୁଲରୀ ଗ୍ରାମର ଚିଲ ନନା ଓରଫ ପରମାନନ୍ଦ ଶତପଥି (ବରିଷ୍ଠ ନାଗରିକ) ଦ୍ୱିତୀୟ ଡୋଜ ଟୀକା ନେବାକୁ ଏକ ସ୍କୁଟିରେ ଆସିଥିଲେ । ସେ ଟୀକା ନେବା ପାଇଁ ଯାଇଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ସ୍କୁଟିରେ ଥିବା ତାଙ୍କ ବ୍ୟାଗକୁ ଚୋରାଇ ନେଇଥିଲା । ସେ ଟୀକା ନେଇ ଫେରିବା ବେଳକୁ ବ୍ୟାଗ ଆଉ ନଥିଲା । ଯାହା ଫଳରେ ବ୍ୟାଗ ଖୋଜି ନପାଇ ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ ।

## ୭ ୫ ଲିଟର ବିଦେଶୀ ମଦ ଜବତ ଜଣେ ଗିରଫ

ମାଲକାନଗିରି,୨/୬ (ନି.ପ୍ର): ମାଲକାନଗିରି ସଦର ମହକୁମାବସ ଷ୍ଟାଣ୍ଡ ନିକଟରେ କେ, ମୁରଲୀ ନାମକ ବ୍ୟକ୍ତିନିଜ ଘରେବେଆଇନ ଭାବେ ବହୁ ପରିମାଣରେ ବିଦେଶୀ ମଦ ଗଚ୍ଛିତ ରଖି ଲକ ଡାଉନ ର ଫାଇଦା ନେଇ ଚଢ଼ା ଦରରେ ବିକ୍ରୀ କରୁଥିବା ସୂଚନା ପାଇଁ ଆଜି ମାଲକାନଗିରି ପୋଲିସ ଚଢ଼ାଉ କରିଥିଲା ।
ଆଇଆଇସି ରାମ ପ୍ରସାଦ ନାଗ ଙ୍କ ନେତୃତ୍ୱରେ ପୋଲିସ ଟିମ ଚଢ଼ାଉ କରି ସେଠାରୁ ବିଭିନ୍ନ କମ୍ପାନୀ ର ମଦ ବୋତଲ ଜବତ କରିବା ସହ ମୁରଲୀ କୁ ଗିରଫ କରିଥିଲେ ।ଜବତ ହୋଇଥିବା ସମସ୍ତ ମଦ ୭ ୫ ଲିଟର ହୋଇଥିବା ଆଇଆଇସି ଶ୍ରୀ ନାଗ ସୂଚନା ଦେଇଛନ୍ତି ।ମାଲକାନଗିରି ଥାନା କେସ ସଂଖ୍ୟା -୧ ୯ ୦/୨ ୧ ଅଣ୍ଡର ସେକ୍ସନ ୫ ୨ ଓଡିଶା ଅବକାରୀ ଆକ୍ଟ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ୧୪୪ ବୋତଲ ବିଦେଶୀ ମଦ ଜବତ : ଜଣେ ଗିରଫ

କଣାସ,୨/୬ (ନି.ପ୍ର): ପୁରୀ କଣାସ ଥାନା ଆଇ.ଆଇ.ସି ତପନ କୁମାର ରାଉତ ଗତକାଲି ସଂଧ୍ୟା ସମୟରେ ଖବର ପାଇଲେ ଜଙ୍କିଆ ଅଂଚଳରୁ କିଛି ବିଦେଶୀ ମଦ ପେଟି କଖାରୁବସ୍ତ ରାଜୁଆ ବ୍ରିଜ୍ ନିକଟରେ ଅନ୍‌ଲୋଡ ହୋଇଛି ଓ କଖାରୁବସ୍ତର ଜଣେ ବ୍ୟକ୍ତି ଉକ୍ତ ମଦପେଟି ନିଜ ଘରକୁ ବୁହାଉଛି । ସଂଗେ ସଂଗେ କଣାସ ଥାନା ଆଇ.ଆଇ.ସି ଶ୍ରୀ ରାଉତ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଂଚି ଦେଖନ୍ତିତ କଖାରୁବସ୍ତ ଗ୍ରାମର ଅଶୋକ ରାଉତ ମୋଟରସାଇକେଲରେ ମଦପେଟି ଆଣୁଛି । ଶ୍ରୀ ରାଉତ ୧୨ପେଟି ବିଦେଶୀ ମଦ ଜବତ କରିବା ସହିତ ଅଶୋକ ପ୍ରଧାନଙ୍କୁ ଗିରଫ କରିଥିଲେ । ମଦ ଆଣୁଥିବା ମୋଟରସାଇକେଲକୁ ମଧ ଜବତ କରିଥିବା ଶ୍ରୀ ରାଉତଙ୍କ ଠାରୁ ପ୍ରକାଶ । ଏହି ୧୨ଟି ପେଟିରେ ୧୪୪ ବୋତଲ ବିଦେଶୀ ମଦ ଥିବା ଶ୍ରୀ ରାଉତ ପ୍ରକାଶ କରିଛନ୍ତି । କଣାସ ଥାନା କେସ୍ ନଂ- ୧୨୯/ ୨୦୨୧ରେ ଏକ ମୋକଦ୍ଦମା ରୁଜୁ କରି ଅଶୋକକୁ କୋର୍ଟଚାଲଣ କରାଯାଇଛି। କଣାସ ଅଂଚଳରେ ବ୍ୟାପକ ପରିମାଣରେ ମଦ, ଗଞ୍ଜେଇ, ପାଉଡର ବିକ୍ରି ହେଉଥିଲେ ମଧ କାଁଭାଁ କଣାସ ଥାନା ଓ ଗଡିଶାଗୋଦା ଥାନା ଜବତ କରୁଥିବା ବେଳେ ଅବକାରୀ ବିଭାଗର ଅଧିକାରୀମାନେ ନିରବଦ୍ରଷ୍ଟା ରହିଥିବାରୁ ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି ।

# ବ୍ରହ୍ମପୁରରେ ଗତ ୨୪ ଘଂଟାରେ ୨୩୯ ବାହନରୁ ୧ଲକ୍ଷ ୧୯ହଜାର ୫୦୦ ଟଙ୍କା ଚାଲାଣ ଆଦାୟ

ବ୍ରହ୍ମପୁର,୨/୬ (ନି.ପ୍ର): ଗତ ୨୪ଘଂଟା ମଧ୍ୟରେ ବ୍ରହ୍ମପୁର ପୋଲିସ୍ ବିଭିନ୍ନ ଯାନବାହନ ଚାଳକଙ୍କ ଠାରୁ ୧ଲକ୍ଷ ୧୯ ହଜାର ୫୦୦ ଟଙ୍କା ଚାଲାଣ ଆଦାୟ କରିଛି । ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏହି ସମୟ ମଧ୍ୟରେ ୨୩୯ଟି ଯାନବାହନରୁ ଚାଲାଣ କଟାଯାଇଛି । ସେହିପରି ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ୦୯ଟି କେଶ୍‌ରୁ ୪ ହଜାର ୩୦୦, ୧୭ଟି ଦୋକାନ ସିଲ୍ କରାଯାଇ ୮ହଜାର ୪୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି । ଅପରପକ୍ଷରେ ମାସ୍କ ନପିନ୍ଧିବା ଅଭିଯୋଗରେ ୪୧ହଜାର ୯୦୦ଟଙ୍କା ଏବଂ ସାମାଜିକ ଦୂରତା ନରଖିବା ୧୯ ବ୍ୟକ୍ତିଙ୍କ ଠାରୁ ୯ହଜାର ୩୦୦ଟଙ୍କା ଆଦାୟ କରାଯାଇଛି । ଏହାବ୍ୟତୀତ ୭ଟି ଅବକାରୀ ମାମଲା ରୁଜୁ କରାଯାଇ ୭ଜଣଙ୍କୁ ଗିରଫ କରାଯାଇଛି ।

## ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

କୋରେଇ,୨/୬ (ନି.ପ୍ର): ପାଣିକୋଇଲିସ୍ଥିତ ଯାଜପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପୁଲିସର ବୈରୀ ଥାନାଧିକାରୀ ଇନ୍ସପେକ୍ଟର ମାର୍କଣ୍ଡ ମିଶ୍ର, ଡ୍ରିଲ ସବଇନ୍ସପେକ୍ଟର ରମେଶ ଚନ୍ଦ୍ର ନାୟକ ଓ ଯାଜପୁରରୋଡ କୋର୍ଟର କନେଷ୍ଟବଳ ରଂଜନ ମହାପାତ୍ର ସେମାବାର ୩୧ ତାରିଖ ଅବସର ଗ୍ରହଣ କରିଥିବାରୁ ସେମାନଙ୍କୁ ଯାଜପୁର ଏସପି ରାହୁଲ ପିଆର ମୁଖ୍ୟାଳୟରେ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଅବସରପରେ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅତିରିକ୍ତ ଏସପି ବାଉରୀବନ୍ଧୁବେହେରା, ଡିଆଇବି ଡିଏସପି ଫ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଆରଆଇ କାହ୍ନୁ ଚରଣ ମାରାଣ୍ଡି,ଆରଏସଆଇ ନିଧି ବେହେରା, କନେଷ୍ଟବଳ ହାବିଲଦାର ସଙ୍ଗ ସଭାପତି ତାରାକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# କାଳବୈଶାଖି ଯୋଗୁଁ ଅସୁବିଧାରେ କେନ୍ଦୁପତ୍ର ତୋଳାଳି

କନ୍ଧମାଳ,୨/୬ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଗ୍ରାମାଂଚଳର ଲୋକେ ବର୍ଷସାରା ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେଗୁଡିକୁ ବିକ୍ରି କରି ଦିପଇସା ରୋଜଗାର କରି ଥାଆନ୍ତି । କିଛି ଲୋକ ମହୁଲା,ଟୋଲ, ତେନ୍ତୁଳି,ଶିଆଳି ଶାଳ ଖଲି ସମେତ କେନ୍ଦୁ ପତ୍ର ମଧ୍ୟ ସଂଗ୍ରହ କରିଥାଆନ୍ତି । ଲୋକମାନେ ସେମାନଙ୍କର ଅଂଚଳର ଜଙ୍ଗଲଜାତ ଜିନିଷର ଉପଲବ୍ଧତାକୁ ନେଇ ଏହିସବୁ ଜିନିଷ ସଂଗ୍ରହ କରିଥାଆନ୍ତି । ସେହିପରି କିଛି ଲୋକ କେନ୍ଦୁପତ୍ର ସଂଗ୍ରହ କରି ସେମାନଙ୍କର କିଛି ରୋଜଗାର କରନ୍ତି । ତେବେ କରୋନାର ସଂକ୍ରମଣ ଯୋଗୁଁ ଘୋଷଣା କରାଯାଇଥିବା ଲକଡାଉନ ଯୋଗୁଁ ବର୍ତମାନ ସେମାନଙ୍କ ରୋଜଗାର ପାଇଁ କେନ୍ଦୁପତ୍ର ସଂଗ୍ରହ ଏକମାତ୍ର ଜଙ୍ଗଲ ଜାତ ଜିନିଷ ଅଟେ । ଏହି ସମୟରେ ସେମାନେ କେନ୍ଦୁପତ୍ର ସଂଗ୍ରହରେ ଲାଗିଥାଆନ୍ତି । ହେଲେ ତୁହାକୁ ତୁହା କାଳବୈଶାଖି ଓ ବର୍ଷା ଯୋଗୁଁ ସେମାନେ ତୋଳି ସୁଖାଇଥିବା କେନ୍ଦୁପତ୍ର ସବୁ ନଷ୍ଟ ହୋଇଯାଉଛି । ଏହି ଅବସରରେ ସେମାନେ ସଂଗ୍ରହ କରିଥିବା କେନ୍ଦୁପତ୍ର ସବୁର ପଇସା ସେମାନେ ପାଇ ନାହାନ୍ତି । ଫୁଲବାଣୀ କେନ୍ଦୁପତ୍ର ବିଭାଗ ପକ୍ଷରୁ ଚଳିତ ବର୍ଷ ଫୁଲବାଣୀ,ଗୋଛାପଡା ଇଷ୍ଟ, ବାଲିଗୁଡା, ତୁମୁଡିବନ୍ଧ, ଭଞ୍ଜନଗର ଦଶପଲ୍ଲା ଭଳି ୭ଟି ରେଞ୍ଜ ଅଂଚଳ ଗୁଡିକରୁ ପ୍ରାୟ ୧୩ ହଜାର ମେଟ୍ରିକ ଟନ୍ କେନ୍ଦୁପତ୍ର ସଂଗ୍ରହର ଲକ୍ଷ ଧାର୍ଯ୍ୟ ରହିଥିବାବେଳେ ବର୍ତମାନ ସୁଦ୍ଧା ୧୨ ହଜାର ମେଟ୍ରିକ ଟନ୍ ସଂଗ୍ରହ ହୋଇ ପାରିଛି । କାଳବୈଶାଖି ଏବଂ ଅଦିନିଆଁ ବର୍ଷା ଯୋଗୁଁ ଲକ୍ଷ ଧାର୍ଯ୍ୟ ହୋଇପାରିନାହିଁ ।

# ବିଷ୍ଣୁପ୍ରିୟା ଫାଉଣ୍ଡେସନ ତରଫରୁ ନିଃଶୁଳ୍କ 

# ଭାରତର ଧନୀ ରାଜପରିବାର

**ଆମ ଦେଶ ଭାରତରେ ବହୁ ରାଜପରିବାର ଅଛନ୍ତି । ଏବେ ମଧ୍ୟ ସେମାନଙ୍କ ପାଖରେ ଅମାପ ଧନସମ୍ପତ୍ତି ରହିଛି । ତେବେ ମେୱାର, ୱାଡିୟାର, ନବାବ ପଟୌଦୀ, ଜୟପୁର ରାଜପରିବାର ଏବଂ ଗାଏକ୍‌ୱାଡ୍ ପରିବାର ପାଖରେ ସବୁଠୁ ଅଧିକ ସମ୍ପତ୍ତି ଥିବାର କୁହାଯାଏ ।**

### ମେୱାର ରାଜବଂଶ:

ଭାରତର ରାଜପରିବାରମାନଙ୍କ ମଧ୍ୟରେ ମେୱାର ବଂଶ ସବୁଠୁ ଅଧିକ ଧନୀ । ମହାରାଣା ପ୍ରତାପ ଏହି ବଂଶର । ରାଜସ୍ଥାନର ଉଦୟପୁରରେ ରହୁଥିବା ରାଣା ପ୍ରତାପ ଏହି ବଂଶର । ରାଜସ୍ଥାନର ଉଦୟପୁରରେ ରହୁଥିବା ରାଣା ଶ୍ରୀଜୀ ଅରବିନ୍ଦ ସିଂହ ମେୱାର ହେଉଛନ୍ତି ଏହି ବଂଶର ୭୬ ତମ ଉତ୍ତରାଧିକାରୀ । ତାଙ୍କ ଏଚ୍‌ଆର୍‌ଏଚ୍ ଗ୍ରୁପ୍ ଅଫ୍ ହୋଟେଲ୍ ରହିଛି ଯାହାର ମୂଲ୍ୟ ୫୦ କୋଟି ଟଙ୍କାରୁ ଅଧିକ ହେବ । ଉଦୟପୁରରେ ଥିବା ଏହି ରାଜାଙ୍କ ଉଆସକୁ ପର୍ଯ୍ୟଟକମାନେ

ଦେଖିବାକୁ ଯାଇଥାନ୍ତି । ଉଦୟପୁର ସହରରେ ପିଛୋଲା ହ୍ରଦ ନିକଟରେ ଏମାନଙ୍କର ଅନ୍ୟ ଏକ ସୁରମ୍ୟ ପ୍ୟାଲେସ୍ ରହିଛି ଯାହାର ନାଁ ଜଗ୍ ମନ୍ଦିର ଆଇଲ୍ୟାଣ୍ଡ୍ ପ୍ୟାଲେସ୍ । ଏହି ପରିବାର ମାଲକାନାରେ ଥିବା ୧୦ରୁ ଊର୍ଦ୍ଧ୍ୱ ହୋଟେଲ୍, ରିସର୍ଟ ଏବଂ ଅନ୍ୟ ପ୍ରତିଷ୍ଠାନଗୁଡ଼ିକରେ ୧୨ ଶହରୁ ଅଧିକ କର୍ମଚାରୀ କାମ କରୁଛନ୍ତି । ଏହି ପରିବାରର ୧୦୦୦ କୋଟି ମୂଲ୍ୟର ସମ୍ପତ୍ତିକୁ ନେଇ ଅରବିନ୍ଦ ସିଂହ ଏବଂ ତାଙ୍କ ଭଉଣୀ ଯୋଗେଶ୍ୱରୀଙ୍କ ମଧ୍ୟରେ ବିବାଦ ରହିଛି । ତେବେ ଏମାନଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ହଜାର ହଜାର କୋଟି ଟଙ୍କା ।

### ୱାଡିୟାର୍ ରାଜବଂଶ:

ମହୀଶୂର ରାଜବଂଶର ଶ୍ରୀକାନ୍ତଦତ୍ତ ନରସିଂହରାଜା ୱାଡିୟାର୍‌ଙ୍କ ମୃତ୍ୟୁ ପରେ ଆଉ କେହି ଉତ୍ତରାଧିକାରୀ ନ ଥିଲେ । ତେଣୁ ଯଦୁବୀର ଗୋପାଳ ରାଜଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିଲା । ୨୦୧୫ରେ ତାଙ୍କର ରାଜ୍ୟାଭିଷେକ ହୋଇଥିଲା । ମହୀଶୂର ପ୍ୟାଲେସ୍ ରେଶମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ । ଏହି ରାଜବଂଶର ମୋଟ ସମ୍ପତ୍ତିର ମୂଲ୍ୟ ୧୦ ହଜାର କୋଟି ଟଙ୍କାରୁ ଅଧିକ ।

### ନବାବ ପଟୌଦୀ:

ନବାବ ପଟୌଦୀ ଦେଶର ଏକ ଜଣାଶୁଣା ରାଜବଂଶ । ଏମାନେ ଦୀର୍ଘ ସମୟ ଧରି ଦେଶକୁ ଶାସନ କରିଥିଲେ । ବଂଶର ଶେଷ ଶାସକ ମନସୁର ଅଲୀ ଖାନ୍ ପଟୌଦୀ ଶର୍ମିଳା ଟାଗୋରଙ୍କୁ ବିବାହ କରିଥିଲେ । ସେମାନଙ୍କ ତିନି ସନ୍ତାନ ମଧ୍ୟରୁ ଜଣେ ହେଉଛନ୍ତି ଶୈଫ ଅଲୀ ଖାନ୍ । ଶୈଫ୍ ଏବଂ ପଟୌଦୀ ପ୍ୟାଲେସ୍‌ର ମୂଲ୍ୟ ଆଠ ଶହ କୋଟି ଟଙ୍କା । ଶୈଫ୍‌ଙ୍କ ବ୍ୟକ୍ତିଗତ ସମ୍ପତ୍ତି ପ୍ରାୟ ୨୮୩ କୋଟି ଏବଂ ପରିବାରର ଅନ୍ୟ ଜମିବାଡ଼ିର ମୂଲ୍ୟ ୭୫୦ କୋଟି ଟଙ୍କା ।

### ଜୟପୁର ରାଜବଂଶ:

ଦେଶର ଅନ୍ୟତମ ଧନୀ ରାଜବଂଶ ହେଉଛନ୍ତି ଜୟପୁରର ରାଜପରିବାର । ଏହି ପରିବାରର ଶେଷ ରାଜା ଥିଲେ ଭବାନୀ ସିଂହ । ତାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ଝିଅର ପୁଅ ପଦ୍ମନାଭ ସିଂହଙ୍କୁ ଉତ୍ତରାଧିକାରୀ ଘୋଷଣା କରିଥିଲେ । ସେତେବେଳେ ୨୩ ବର୍ଷ ବୟସ୍କ ପଦ୍ମନାଭ ଜାତୀୟ ସ୍ତରର ପୋଲୋ ଖେଳାଳି ଭାବେ ଖ୍ୟାତି ଲାଭ କରିଥିଲେ । ଏହି ପରିବାରର ରାମ୍‌ବାଗ୍ ପ୍ୟାଲେସ୍ ଏବେ ତାଜ୍ ହୋଟେଲ୍ ଦ୍ୱାରା ପରିଚାଳିତ ହେଉଛି । ଜୟପୁର ସିଟି ପ୍ୟାଲେସର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ଏହି ପରିବାରର ମୋଟ୍ ସମ୍ପତ୍ତି ୨୦ ହଜାର କୋଟି ବୋଲି ଆକଳନ କରାଯାଉଛି ।

### ଗାଏକ୍‌ୱାଡ୍ ରାଜବଂଶ:

ଗାଏକ୍‌ୱାଡ୍ ପରିବାର ପୁନେରୁ ଯାଇ ବରୋଦାରେ ରାଜୁତି କରିବା ସହିତ ଲକ୍ଷ୍ମୀ ନିବାସ ପ୍ୟାଲେସ୍ ଅଧିକାର କରିଥିଲେ । ଏହି ବିରାଟ ପ୍ରାସାଦ ପାଞ୍ଚ ଶହ ଏକର ଜମିରେ ଅବସ୍ଥିତ ଏବଂ ବକିଂହାମ୍ ପ୍ୟାଲେସ୍‌ର ଚାରିଗୁଣ ହେବ ବୋଲି କୁହାଯାଏ । ଏହି ପ୍ରାସାଦ ଭିତରେ ଗଲ୍‌ଫ ପଡ଼ିଆ ରହିଛି । ଗାଏକ୍‌ୱାଡ୍ ବଂଶର ସମରଜିତ୍ ସିଂହ ରାଜା ରବି ବର୍ମାଙ୍କ ଅନେକ ଚିତ୍ର ଉତ୍ତରାଧିକାର ସୂତ୍ରରେ ପାଇଥିଲେ । ଗାଏକ୍‌ୱାଡ୍ ବଂଶର ମୋଟ ସମ୍ପତ୍ତି ୨୦ ହଜାର କୋଟି ।

## ସ୍ୱାସ୍ଥ୍ୟ ମନ୍ତ୍ର

ଅନ୍ଧକାର ଉପରେ ଅଧିକ ସମୟ ଉଜ୍ଜ୍ୱଳ ଆଲୋକରେ ରହିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହା ଦ୍ୱାରା ନିଦ୍ରା ବାଧାପ୍ରାପ୍ତ ହୁଏ । ଶରୀରର ପ୍ରାକୃତିକ ଘଣ୍ଟା କାର୍ଯ୍ୟଦକ୍ଷତା ହରାଏ । ରାତିରେ ଉଜ୍ଜ୍ୱଳ ଆଲୋକରେ ଅଧିକ ସମୟ ଜାଗ୍ରତ ରହିବା କର୍କଟ, ମଧୁମେହ, ମେଦବହୁଳତା ଓ ହୃଦ୍‌ରୋଗର କାରଣ ହୋଇପାରେ । ସବୁ ରଙ୍ଗର ଆଲୋକର କ୍ଷତିକାରୀ ପ୍ରଭାବ ଭିନ୍ନ ଭିନ୍ନ । ଦିନରେ ନୀଳ ଆଲୋକ (ବ୍ଲୁ ୱେଭ୍‌ଲେନ୍‌ଥ) ଶରୀର ପାଇଁ ହିତକାରୀ । ହେଲେ, ରାତିରେ ଅହିତକାରୀ । ସୂର୍ଯ୍ୟାସ୍ତ ପରେ ନୀଳ ଆଲୋକଠାରୁ ନିରାଦପ ଦୂରତାରେ ରହନ୍ତୁ । ରାତିରେ ଅଧିକ ଟେଲିଭିଜନ୍ ଦେଖୁଥିଲେ କି କଂପ୍ୟୁଟରରେ କାମ କରୁଥିଲେ, ନୀଳ ଆଲୋକ ପ୍ରତିରୋଧୀ ଚଷମା ପିନ୍ଧନ୍ତୁ କିମ୍ବା କଂପ୍ୟୁଟର ପରଦାକୁ ଏହି ଆଲୋକ ପ୍ରତିରୋଧୀ ଫିଲ୍‌ଟର୍ ଦ୍ୱାରା ଢାଙ୍କନ୍ତୁ । ଶୋଇବା ଘରେ ନୀଳ ରଙ୍ଗର ଜିରୋ ପାୱାର୍ ବଲ୍‌ବ ବଦଳରେ ନାଲି ରଙ୍ଗର ବଲ୍‌ବ ଲଗାନ୍ତୁ ।

## ନାନ୍ ମାଡୋଲ୍

ମାଇକ୍ରୋନେସିଆନ୍ ଦ୍ୱୀପ 'ନାନ୍ ମାଡୋଲ୍'କୁ ୨୦୧୬ରେ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଥିଲା । ମୁଖ୍ୟ ଦ୍ୱୀପଟି ଶତାଧିକ ଛୋଟ ଛୋଟ କୃତ୍ରିମ ଦ୍ୱୀପ ସହ କେନାଲ୍ ବ୍ୟବସ୍ଥା ଦ୍ୱାରା ସଂଯୁକ୍ତ । ତେରୁ, ଏହାକୁ 'ପ୍ରଶାନ୍ତ ମହାସାଗରୀୟ ଭେନିସ୍' କୁହାଯାଏ । ଦ୍ୱିତୀୟ ଶତାବ୍ଦୀରୁ ଏହା ମଣିଷଙ୍କ ବାସସ୍ଥାନ ରହିଆସିଲାଣି । ଏହାର କୌଣସି ଲିଖିତ ବା ସାଂକେତିକ ପ୍ରାଚୀନ ଇତିହାସ ନାହିଁ । ଅଷ୍ଟମ-ନବମ ଶତାବ୍ଦୀରେ ଏହି କୃତ୍ରିମ ଦ୍ୱୀପଗୁଡ଼ିକ ନିର୍ମିତ । ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁମାନଙ୍କ ଦ୍ୱାରା ସୃଷ୍ଟ ଅଜଣା । ସ୍ଥାନୀୟ କିଂବଦନ୍ତି ଅନୁଯାୟୀ ଓଲିସିପା ଏବଂ ଓଲୋସୋହ୍‌ପା ନାମକ ଦୁଇଜଣ ତାନ୍ତ୍ରିକ ଭ୍ରାତା ସେଗୁଡ଼ିକର ସ୍ରଷ୍ଟା । ସେମାନେ ଉଡ଼ନ୍ତା ଡ୍ରାଗନ୍ ସାହାଯ୍ୟରେ ବିରାଟ ବିରାଟ ପଥର ଆଣି ଦ୍ୱୀପଗୁଡ଼ିକ ଗଢ଼ିଥିଲେ । କୃତ୍ରିମ ଦ୍ୱୀପଗୁଡ଼ିକ ପ୍ରକୃତରେ ବିସ୍ମୟକର । ସପ୍ତଦଶ ଶତାବ୍ଦୀରେ ଏହାର ଜନସଂଖ୍ୟା ହ୍ରାସ ପାଇଥିଲା । ଖାଦ୍ୟ ଓ ପାନୀୟ ଜଳର ଅଭାବ ମୁଖ୍ୟ କାରଣ । 'ନାନ୍ ମାଡୋଲ୍'କୁ ନେଇ ଗୁଡ଼ିଏ ରହସ୍ୟ ଉପନ୍ୟାସ ଲେଖାଯାଇଥିବା ଜଣାଯାଏ ।

## ଜଳବାୟୁ ପରିବର୍ତ୍ତନ ସଂକଟ ବଢ଼ିବ

ବିଜ୍ଞାନ ଐତିହାସିକ ରୋହିତ ଗୁପ୍ତାଙ୍କ କହିବାନୁଯାୟୀ ଜଳବାୟୁ ପରିବର୍ତ୍ତନ ବଢ଼ିବା ଯୋଗୁଁ ପ୍ରତିକ୍ରିୟାଶୀଳ ହୋଇଉଠିଛି । ମଣିଷକୁ ସତର୍କ କରାଇ ଏହା କରୋନା ଭଳି ମହାମାରୀ ସୃଷ୍ଟି କରିଛି । କୋଭିଡ-୧୯ ପ୍ରଥମ ଲହରି ବିବେଚନା କରାଯାଇପାରେ । ଏହାପରେ ଆହୁରି ବଡ଼ ଲହରି କିମ୍ବା ନୂଆ ଭୂତାଣୁ ଜନ୍ମନେବା ଅସମ୍ଭବ ନୁହେଁ । ଭାରତରେ କେହି ସମ୍ଭାବ୍ୟ ବଡ଼ ସମସ୍ୟାକୁ ନେଇ ଚିନ୍ତିତ ନାହାନ୍ତି । ତାହା ହେଉଛି ଜଳବାୟୁ ପରିବର୍ତ୍ତନ । ଜଳବାୟୁକୁ ଶୃଙ୍ଖଳିତ ରଖିବା ପାଇଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରା ହ୍ରାସ ପାଇବା ନିହାତି ଆବଶ୍ୟକ । କୋଭିଡ-୧୯ ଲକ୍‌ଡାଉନ୍ ବେଳେ ବାୟୁମଣ୍ଡଳ କିଭଳି ସ୍ୱଚ୍ଛ ରହିଥିଲା ଏବଂ ନଦୀ ତଥା ସମୁଦ୍ର ଜଳ କିଭଳି ପରିଷ୍କାର ଥିଲା, ତାହା ବିଶ୍ୱବାସୀ ଦେଖିସାରିଛନ୍ତି । ତେଣୁ କରୋନାରୁ ସମସ୍ତଙ୍କୁ ଉଚିତ ଶିକ୍ଷା ମିଳିଛି ବୋଲି କୁହାଯାଇ ପାରିବ । ଆଗକୁ କରୋନାଠାରୁ ଆହୁରି ବଡ଼ ମହାମାରୀକୁ ଏଡ଼ାଇବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ କାମ କରିବାକୁ ହେବ । ଆଗକୁ କରୋନାଠାରୁ ଆହୁରି ବଡ଼ ମହାମାରୀକୁ ଏଡ଼ାଇବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ କାମ କରିବାକୁ ହେବ । ଗୁପ୍ତା ଆହୁରି କହିଛନ୍ତି, ପୃଥିବୀ କହିଲେ କେବଳ ମଣିଷ ସମାଜକୁ ବୁଝାଏ ନାହିଁ । ଅନେକ ସ୍ତରରେ



ଏହା ନିର୍ମାଣ ହୋଇଛି । କୀଟପତଙ୍ଗ ମଧ୍ୟ ପୃଥିବୀ ପାଇଁ ଅନେକ ଗୁରୁତ୍ୱ ରଖନ୍ତି । ସେମାନେ ଉଦ୍ଭିଦକୁ ତିଷ୍ଠିରହିବାରେ ସହାୟକ ହୁଅନ୍ତି, ଫଳରେ ମଣିଷ ଜାତି ଉଦ୍ଭିତଠାରୁ ଖାଦ୍ୟ ଓ ଅମ୍ଳଜାନ ପାରିପାରିଥାନ୍ତି । ସେହିଭଳି ମାଇକ୍ରୋବ୍ ବା ସୂକ୍ଷ୍ମଜୀବର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ରହିଛି । କୋଟି କୋଟି ବର୍ଷ ଧରି ସେମାନେ ପୃଥିବୀକୁ ସାହାଯ୍ୟ କରୁଛନ୍ତି । ପୃଥିବୀରେ କୌଣସି ପ୍ରକାର ବଡ଼ ପରିବର୍ତ୍ତନ ଘଟିଲେ, ସେମାନେ ମଣିଷଠାରୁ ଆଗୁଆ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ଫଳରେ ମଣିଷ ଆଗୁଆ ସତର୍କ ହୋଇଥାଏ ।

## ମୋହନଥାଲ୍

ଗୁଜରାଟର ଏକ ଲୋକପ୍ରିୟ ରେସିପି ମୋହନଥାଲ । ବେସନ, ଗୁଆଘିଅ, ଚିନି ଏବଂ ବାଦାମରେ ତିଆରି ହୋଇଥାଏ ଏହି ମିଠେଇ । ଏହା ଦେଖିବାକୁ ବରଫି ଭଳି । କେହି କେହି ଏହାକୁ ବେସନ ବରଫି ବୋଲି କହିଥାଆନ୍ତି । ତେବେ ସ୍ୱାଦ ଏବଂ ଆକାର ବରଫିଠାରୁ ଭିନ୍ନ । ରାଜସ୍ଥାନର କେତେକ ଅଞ୍ଚଳରେ ମଧ୍ୟ ମୋହନ ଥାଲ ଏକ ଲୋକପ୍ରିୟ ସ୍ୱିଟ୍ ଡେଜର୍ଟ । ଭୋଜିଭାତ ଅବସରରେ ଏହି ମିଠା ପରିବେଷଣ କରାଯାଇଥାଏ । ଏଥିରେ କ୍ଷୀର ଅଧିକ ମିଶୁଥିବାରୁ ଏହାର ଅଧିକ ଦିନ ପର୍ଯ୍ୟନ୍ତ ତାଜା ଥାଏ । ଖାଇବାକୁ ମଧ୍ୟ ନରମ । ପର୍ବପର୍ବାଣୀ ଅବସରରେ ଏହାକୁ ପ୍ରସ୍ତୁତ

ଜାଣିବା ମୋହନଥାଲ ତିଆରି କରିବା ବିଧି ।

**ପ୍ରସ୍ତୁତି :**

ମୋହନଥାଲ ପ୍ରସ୍ତୁତ କରିବା ପାଇଁ ଅତି ବେଶିରେ ୪୦ରୁ ୪୫ ମିନିଟ ସମୟ ଲାଗିବ । ଯଦି ଆପଣର ୪ ଜଣକ ପାଇଁ ମୋହନଥାଲ ପ୍ରସ୍ତୁତ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ

କରାଯାଇଥାଏ । ତେବେ ଦୀପାବଳୀରେ ଘରେ ଘରେ ତିଆରି ହୋଇଥାଏ ମୋହନଥାଲ । ରାଜାରାଜୁଡ଼ା ଅମଳରୁ ଏହି ମିଠା ଗୁଜରାଟ ସମେତ ରାଜସ୍ଥାନର ଘରେ ଘରେ ପରିଚିତ । ବେସନ ଏବଂ ଡ୍ରାଏଫ୍ରୁଟ୍‌ରେ ପ୍ରସ୍ତୁତ ହେଉଥିବା ଏହି ପାରମ୍ପାରିକ ମିଠାରୁ ସ୍ୱାଦ ମଧ୍ୟ ଖୁବ୍ ବଢ଼ିଆ । କୁହାଯାଏ ଭଗବାନ ଶ୍ରୀକୃଷ୍ଣଙ୍କର ଖୁବ୍ ପ୍ରିୟ ଥିଲା ଏହି ମିଠା । ଜନ୍ମାଷ୍ଟମୀ ଅବସରରେ ଏହାକୁ ଭୋଗ ଲଗା ଯାଉଥିବାରୁ ଏହାକୁ ମୋହନଥାଲ କୁହାଯାଏ ବୋଲି ବୟସ୍କମାନେ କୁହନ୍ତି । ଏହାକୁ ତିଆରି କରିବାର ବିଧି ସେତେ ଜଟିଳ ନୁହେଁ । ଇଚ୍ଛା ଓ ଆଗ୍ରହ ଥିଲେ ଏହାକୁ ବଡ଼ ସହଜରେ ଘରେ ତିଆରି କରିପାରିବେ । ତେବେ ଆସନ୍ତୁ

ଭାଗମାପ ଉପରେ ଦୃଷ୍ଟି ଦିଅନ୍ତୁ । ଅଧିକ କି କମ୍ ହେଲେ ସେହି ଅନୁସାରେ ଭାଗଭାପ କମ୍ ବେଶି କରିପାରିବେ । ଟିକେ ଦାନାଦାର ବେସନ (ଅତ୍ୟଧିକ ମସୃଣ ହୋଇନଥିବ) ଘିଅ ୩/୪ କପ୍ (ଅଲଗା କରି ଆଉ ଏକ ବଡ଼ ଚାମଚ ମଧ୍ୟ ନେବେ), କ୍ଷୀର ୩ ବଡ଼ ଚାମଚ, ଗୁଜରାତି ଗୁଣ୍ଡ ସାମାନ୍ୟ, ଜାଇଫଳ ଗୁଣ୍ଡ ଚିମୁଟାଏ, ଚି ଦେଢ଼ କପ୍, କେଶନ ଚିମୁଟାଏ, ଆଲମଣ୍ଡ ୧୦ଟା, ପେସ୍ତା ୧୦ଟା । ପ୍ରଥମ ଆଲମଣ୍ଡ ଓ ପେସାକୁ ଗରମ ପାଣିରେ ପକାଇ ଚୋପା ବାହାର କରି ପତଳା ପତଳା ସ୍ଲାଇସରେ କାଟି ଅଲଗା ରଖନ୍ତୁ । ଏହାପରେ ଏକ ନନଷ୍ଟିକ୍ ପ୍ୟାନରେ ୨ ବଡ଼ ଚାମଚ କ୍ଷୀର ଗରମ କରି ସେଥିରେ ଦେଢ଼ ବଡ଼ ଚାମଚ ଘିଅ ମିଶାଇ ଗରମ କରନ୍ତୁ । ଏଥର ଏକ ବୋଲ୍‌ରେ ବେସନ ନେଇ ସେଥିରେ କ୍ଷୀର ଏବଂ ଘିଅର ଏହି ମିଶ୍ରଣ ପକାଇ ହାତରେ ଭଲ କରି ମିଶାନ୍ତୁ । ଯେମିତି ହାତକୁ ଚିକ୍କଣ ଲାଗିବ । ଏହାପରେ ଏହି ମିଶ୍ରଣକୁ ଏକ ଚାଲୁଣି ସାହାଯ୍ୟରେ ହାତରେ ଘଷି ଘଷି ଚଲାଇ ନିଅନ୍ତୁ ଯେମିତି କେଉଁଠି ଗେଟା ରହିବ ନାହିଁ । ଏହାପରେ ଅଧ କପ ପାଣିରେ ଦେଢ଼ କପ ଚିନି ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ଏହାପରେ ଏକ ନନଷ୍ଟିକ୍ ପ୍ୟାନରେ ୩/୪ କପ୍ ଘିଅ ଗରମ କରି ସେଥିରେ ଆଗରୁ ଛାଣି ରଖିଥିବା ବେସନ ପକାଇ ଭଲ କରି ମିଶାନ୍ତୁ । ମଧ୍ୟମ ଆଞ୍ଚରେ ବେସନକୁ ଭାଜନ୍ତୁ । ସୁଗନ୍ଧ ଆସିଲେ ଆଞ୍ଚ ପୂରା ଧିମା କରିଦିଅନ୍ତୁ । ଏପଟେ ଦେଖନ୍ତୁ ସିରା ପ୍ରସ୍ତୁତ ହେଲାଣି କି ନାହିଁ । ଅଧିକ ପତଳା କି ଅଧିକ ଗାଢ଼ ସିରା ପ୍ରସ୍ତୁତ କରିବେ ନାହିଁ । ଏଥର ବେସନରେ ଜାଇଫଳ, ଗୁଜୁରାତି ଗୁଣ୍ଡ ଭଲ କରି ମିଶାଇଲା ପରେ ଥଣ୍ଡା ହେବାକୁ ଦିଅନ୍ତୁ । ଚିନି ସିରାରେ ୨ ବଡ଼ ଚାମଚ କ୍ଷୀର ମିଶାନ୍ତୁ । ଏଥର ସେହି ସିରାକୁ ବେସନ ମିଶ୍ରଣରେ ଧୀରେ ଧୀରେ କରି ପକାଇ ଗୋଳାନ୍ତୁ । ଏହାପରେ ଏକ ଆଲୁମିନିୟମ ଟ୍ରେରେ ଟିକେ ଘିଅ କି ରିଫାଇନ ତେଲ ଲଗାଇ ମିଶ୍ରଣଟିକୁ ଢାଳନ୍ତୁ । ଏହା ଉପରେ ଆଗରୁ କାଟି ରଖିଥିବା ବାଦାମ ଏ କେଶର ସଜାନ୍ତୁ ପୂରା ଥଣ୍ଡା ହେଇଗଲା ପରେ କାଟନ୍ତୁ । ଆଉ ପରିବେଷଣ କରନ୍ତୁ ମୋହନଥାଲ ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୩ ଜୁନ୍ ୨୦୨୧, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜନୀତିର ଲୁଚକାଳି ଖେଳ...

ପଶ୍ଚିମବଙ୍ଗ ସରକାର ଓ କେନ୍ଦ୍ର ସରକାର ଭିତରେ ଲଢ଼େଇ ଆରମ୍ଭ ହୋଇଛି ଉପରୋକ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଢେର୍ ପୂର୍ବରୁ-ବସ୍ତୁତଃ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଶାସନ କ୍ଷମତାକୁ ଆସିବା ପରଠାରୁ କହିଲେ ଅତ୍ୟୁକ୍ତି ହେବନାହିଁ । ସମଗ୍ର ଭାରତବର୍ଷକୁ ଶାସନ କରିବାର ଆଭିମୁଖ୍ୟ ନେଇ ରାଜନୀତିର ମଇଦାନରେ ଅବତୀର୍ଣ୍ଣ ହୋଇଥିବା ବିଜେପିର କାର୍ଯ୍ୟସୂଚୀ ଅନୁସାରେ ପୂର୍ବୋ ର ଦଖଲ ଅଭିଯାନରେ ପଶ୍ଚିମବଙ୍ଗ ଯେ ସବୁଠୁ ବଡ଼ ଲକ୍ଷ୍ୟ ଥିଲା, ତାହା ବିଧାନସଭା ନିର୍ବାଚନ ପୂର୍ବରୁ ହିଁ ଜଣା ପଡ଼ି ଯାଇଥିଲା । ନିର୍ବାଚନର ମାତ୍ର ଅଳ୍ପ କେତେଦିନ ପୂର୍ବରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଅନେକ ନେତା ବିଜେପି ଶିବିରକୁ ଡିଆଁ ମାରିଥିଲେ, ଏମିତିକି ଦିଦିଙ୍କ ଡାହାଣ ହାତ ଭାବରେ ପରିଚିତ ଶୁଭେନ୍ଦୁ ଅଧିକାରୀ ମଧ୍ୟ ଶେଷରେ ଚାଲିଗଲେ ବିଜେପି ଶିବିରକୁ, ଯେଉଁଥିପାଇଁ ଆଶଙ୍କା ବଢ଼ି ଯାଇଥିଲା ଯେ ଏଥର ବିଜେପି ବାଜିମାତ୍ କରିବ ଉକ୍ତ ରାଜ୍ୟର ବିଧାନସଭା ନିର୍ବାଚନରେ । କିନ୍ତୁ ଦିଦି ସତକୁ ସତ ତାଙ୍କର ଦଳୀୟ ସ୍ଲୋଗାନ୍ 'ଖେଲା ହବେ...' ଅନୁସାରେ ଏମିତି ଖେଳ କଲେ ଯେ ବିଜେପି ଚିତ୍‌ପଟାଙ୍ଗ୍ ମାରିଲା । ତେବେ ଖେଳ ଏତିକିରେ ସରିଲା ନାହିଁ; ବରଂ ଆରମ୍ଭ ହେଲା କହିବା ଅଧିକ ଯଥାର୍ଥ ହେବ । ଆଉ ଏକ ଖେଳ ଏବେ ଅଧିକ ଘନେଇଛି ବାତ୍ୟା ୟଶ୍ ପରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ଗସ୍ତ କରି ବାତ୍ୟାଞ୍ଚଳ ପରିଦର୍ଶନ ଉପରାନ୍ତ କରିଥିବା ସମୀକ୍ଷା ବୈଠକରେ ଦିଦି ଏବଂ ରାଜ୍ୟର ମୁଖ୍ୟ ଶାସନ ସଚିବ ଅଜ୍ଞେନ୍ ବନ୍ଦୋପାଧ୍ୟାୟ ବିଳମ୍ବରେ କେବଳ ଔପଚାରିକତା ରକ୍ଷା କରି ପହଞ୍ଚି ଅବଶିଷ୍ଟ ସମୟ ଅନୁପସ୍ଥିତ ରହିବା ପରେ । ଏହା ପୂର୍ବରୁ ମଧ୍ୟ ନିର୍ବାଚନର ଅବ୍ୟବହିତ ପରେ କେତେଜଣ ଟିଏମ୍‌ସି ନେତାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଅଣାଯାଇ ସେମାନଙ୍କୁ ସିବିଆଇ ଗିରଫ କରିବା ପଛରେ ଯେ ବିଜେପିର ହାତ ରହିଥିଲା ଏବଂ ରାଜ୍ୟପାଳଙ୍କ ଅତ୍ୟଧିକ ପ୍ରତିକ୍ରିୟାଶୀଳ ପ୍ରଦର୍ଶନ ପରାଜୟ ପରେ ପ୍ରତିଶୋଧମୂଳକ ପଦକ୍ଷେପମାନ ଥିଲା, ତାହା ଦିଦି ଠିକ୍ ଠଉରାଇ ପାରିଥିଲେ । ଆଉ ତା' ପରେ ତାଙ୍କ ମନରେ ବିଜେପି-ବିରୋଧୀ ଶିବିରର ନେତ୍ରୀ ହୋଇ ପାରିବାର ଅଭିଳାଷ ହୁଏତ ଉକ୍ତି ମାରିଛି, ଯେଉଁଥିପାଇଁ ସେ ବୈଠକରେ ଅନୁପସ୍ଥିତ ରହିବାକୁ ଶ୍ରେୟ ମଣିଛନ୍ତି । ସେ ଯାହାହେଉ, ଏ କ୍ଷେତ୍ରରେ ଯେ ଉଭୟ ବିଶ୍ୱାସ ହ୍ରାସ ଏବଂ ରାଜନୀତତିକ ପ୍ରତିଯୋଗିତାର ଖେଳ ଚାଲିଛି, ତାହା କହିବା କ୍ୱଚିତ୍ ଭୁଲ୍ ହେବ, କାରଣ ବିଜେପି ଏହା ପରେ ପରେ ଉତ୍‌କ୍ଷିପ୍ତ ହୋଇ ତୁରନ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବ ବନ୍ଦୋପାଧ୍ୟାୟଙ୍କୁ ଦିଲ୍ଲୀ ଡକାଇଲା ଏବଂ ରାଜ୍ୟ ସରକାରଙ୍କ ଏହାକୁ ଚ୍ୟାଲେଞ୍ଜ୍ କଲା । ରାଜନୀତିକ ପ୍ରତିଯୋଗିତାର ଦ୍ୱିତୀୟ ଉପାଦାନ ହେଉଛି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଆହୂତ ବୈଠକରେ ଯୋଗ ନ ଦେବାକୁ ଦିଦିଙ୍କ ସୌଜନ୍ୟତାର ଅଭାବ ଭାବରେ ପରିଗଣିତ କରାଗଲା ଯାହା ନୂଆ ଦ୍ୱନ୍ଦ୍ୱ ସୃଷ୍ଟିକଲା । ମୁଖ୍ୟମନ୍ତ୍ରୀଙ୍କ କହିବା କଥା ହେଉଛି, ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ ଏବଂ ତାଙ୍କ ଅନୁମତି ନେଇ ବୈଠକରେ ଅନୁପସ୍ଥିତ ରହିଥିଲେ । ବରଂ ବୈଠକକୁ ବିରୋଧୀ ଦଳର ନେତା ଭାବରେ ତାଙ୍କର ରାଜନୀତିକ ପ୍ରତିଦ୍ୱନ୍ଦ୍ୱୀ ଶୁଭେନ୍ଦୁ ଅଧିକାରୀଙ୍କୁ ଡକାଇ ବାତ୍ୟାକୁ ନେଇ କେନ୍ଦ୍ର ରାଜନୀତି କରୁଛି ବୋଲି କହି ସେ କେନ୍ଦ୍ର ସରକାରଙ୍କ ଉପରେ ଆକ୍ରମଣ କରିଛନ୍ତି । ଏହି ଅଭିଯୋଗର ମୂଳ ପ୍ରକୃତରେ ରହିଛି ୨୦୨୦ ମସିହାରେ ବାତ୍ୟା ଅମ୍ଫାନ୍‌ର ପରିଚାଳନାରେ । ଏହା ବାତ୍ୟା ପରବ ର୍ତ୍ତୀ ରିଲିଫ୍ କାର୍ଯ୍ୟରେ ଦୁର୍ନୀତି ହୋଇଥିଲା ବୋଲି ବିଜେପି ଏହାର ପ୍ରଚାରରେ ଏକ ପ୍ରମୁଖ ଉପାଦାନ କରିଥିଲା । ତେଣୁ ଚଳିତ ଥର ରାଜ୍ୟ ସରକାରକୁ ୟଶ୍ ପରିଚାଳନା ଆଧାରରେ ବଦନାମ୍ କରିବାକୁ ଅନ୍ୟ ଏକ ସୁଯୋଗ ମିଳିଗଲା ବୋଲି ଏହା ଭାବିଥାନ୍ତା । କିନ୍ତୁ ଟିଏମ୍‌ସି ଆଗୁଆ ହୋଇଗଲା; ଏହା ବାତ୍ୟା କ୍ଷୟକ୍ଷତିର ଭରଣା ପାଇଁ ଅଧିକ କେନ୍ଦ୍ରୀୟ ଅନୁଦାନ ତ ଚାହୁଁଛି, କିନ୍ତୁ ବିଜେପି ମାର୍କା କୌଣସି ରିଲିଫ୍‌ରୁ ମଧ୍ୟ ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଛି । କେନ୍ଦ୍ର ଏବଂ ପଶ୍ଚିମବଙ୍ଗ ଭିତରେ ବିବାଦର ତୃତୀୟ କାରଣଟି ହେଉଛି, ଆନୁଷ୍ଠାନିକ ଅଖଣ୍ଡତାର ଅବକ୍ଷୟ । ଭାରତୀୟ ଅମଲାତନ୍ତ୍ରର ରାଜନୀତିକରଣ କରାଯିବାର କାହାଣୀ ତ ସମସ୍ତେ ଉଣା ଅଧିକେ ଜାଣନ୍ତି । କିନ୍ତୁ ରାଜ୍ୟର ଜଣେ ଉଚ୍ଚପଦସ୍ଥ ଅମଲାଙ୍କୁ ଦିଲ୍ଲୀ ଡକାଇବା ନେଇ ହଠାତ୍ ନିଷ୍ପ ି ନେବା ପ୍ରଶାସନିକ ସେବା ନିମନ୍ତେ ଏକ ଭୁଲ୍ ବା ାର୍ତ୍ତା ପ୍ରଦାନ କରୁଛି ଯେ ଏହା କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରାଜନୀତିକ ଲକ୍ଷ୍ମଣ ରେଖାକୁ ବେଖାତିର କରି ପାରିବ ନାହିଁ । କହିବାର ତାତ୍ପର୍ଯ୍ୟ, ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କୁ କେନ୍ଦ୍ର ସରକାର ଡକାଇବା ଏବଂ ମୁଖ୍ୟମନ୍ତ୍ରୀ ତାଙ୍କୁ ନିଜର ମୁଖ୍ୟ ପରାମର୍ଶଦାତା ଭାବରେ ତିନି ବର୍ଷ ପାଇଁ ନିଯୁକ୍ତି ଦେବା ଆନୁଷ୍ଠାନିକ ବିଧି ବ୍ୟବସ୍ଥାର ଅବକ୍ଷୟର ଅନ୍ୟ ଏକ ନମୁନା । ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟ ଶାସନ ସଚିବ ବନ୍ଦୋପାଧ୍ୟାୟ ମେ' ୩୧ ତାରିଖରେ ଅବସର ଗ୍ରହଣ କରିଥାନ୍ତେ ଏବଂ ଆବଶ୍ୟକ ଥିବାରୁ ତାଙ୍କର କାର୍ଯ୍ୟକାଳ ତିନିମାସ ବୃଦ୍ଧି କରାଯାଇଥିଲା, କିନ୍ତୁ ତାହା ଆଉ ହୋଇନାହିଁ । ସଦ୍ୟତମ ସମ୍ବାଦ ମୁତାବକ, କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ଶେଷ କାରଣଟି ହେଉଛି, ପଶ୍ଚିମବଙ୍ଗ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିବାଦ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ରହିଥିବା ଫାଟର ଏକ ପ୍ରତିଫଳନ । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପରସ୍ପରର ଶାସନ କ ି ଏବଂ ଆନୁଷ୍ଠାନିକ ପଦ୍ଧତିଗୁଡ଼ିକ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ରାଜନୀତିକ ହାର-ଜିତ୍‌ର ଖେଳରୁ ଦୂରରୁ ରହି ଏକ ସଂକଟ ସମୟରେ ମିଳିମିଶି କାର୍ଯ୍ୟ କରିବା ଉଚିତ, କାରଣ ଗୋଟିଏ ପଟେ ମହାମାରୀ କୋଭିଡ୍-୧୯ ଜନଜୀବନ ଓ ସରକାରମାନଙ୍କୁ ଅସ୍ତବ୍ୟସ୍ତ କରୁଥିବା ବେଳେ ଆରପଟେ ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତିର ମୁକାବିଲା କରିବା ମଧ୍ୟ ଏକ ବଡ଼ ଆହ୍ୱାନ ଭାବରେ ଉଭା ହୋଇଛି ।

## ଅସ୍ଥିର ମନ ଭ୍ରମୁଛି...

ସ୍ନିଗ୍ଧା ସାମନ୍ତରାୟ

ସଂସାର ସାଗରେ ଅସ୍ଥିର ତରଙ୍ଗେ
ଶ୍ୱାସ ବେଳାଭୂଇଁ ଛୁଏଁ
ବିଶ୍ୱାସ ଅବିଶ୍ୱାସ ଲହଡ଼ି ଢ଼େଉ
ମନରେ ଆଶା ବଢାଏ ।

ଦିବସ ରଜନୀ ଜଞ୍ଜାଳ ପସରା
ପାପରେ ଯାଏତ ଭରି
ଭାବନାଟି ଛନ୍ଦେ ଅଡୁଆ ସୂତାରେ
ଛଳ ଅଭିନୟ କରି ।

ଘ ।କ । ପରି ଚାଲେ ଅବିରତ
ନିଜକୁ ଭୁଲି ଯାଇଛି
ପୁନେଇଁ ଆସୁଛି ଅମା ଚାଲିଯାଏ
ଶ୍ୱାସ ରୁଦ୍ଧରେ ଧାଉଁଛି ।

ତୃଷା ିମନରେ ଶୋଷ ମେଟ ନାହିଁ
ଚିନ୍ତାରେ ଭିଜୁଛି ଦେହ
ମିଛ ଫରୁଆରୁ ଖୁସି ଝରି ପଡେ
ହୃଦେ ବୁକୁଫଟା କୋହ ।

ଜୀବନ ମ ରେ ଜୁଆ ଖେଳ ଚାଲେ
ସକୁନି ପଶା ପାଲିରେ
ଭୀଷ୍ମ, ଦ୍ରୋଣ, ସବୁ ନୀରବି ଯାଆନ୍ତି
ନିଜ କର୍ମ ଅକ୍ତିଆରେ ।

ସମୟର ଘୋଡା ଦଉଡେ ନିତି
ସଭିଏଁତ ଧାବମାନ
ବ ିବାର ରାହା ଯେଉଁଠି ଭରିଛି
ଆଖି ଥାଇ ଅନ୍ଧଜନ ।

ଜ୍ଞାନ ଗୀତା ନିସୃତ ସଭିଙ୍କ ତୁଣ୍ଡେ
ମର୍ମ ଉଦ୍ଧବ ବହୁତ
ଗୀତା, ଭାଗବତ, ରାମାୟଣ ଶାସ୍ତ୍ର
ପୁଷ୍ପ ଅର୍ପଣେ ଶୋଭିତ ।

ଶବ୍ଦ କୁଞ୍ଜବନେ ପାରିଜାତ ଫୁଟେ
ବୃକ୍ଷରେ ଝରି ପଡଇ
ପ୍ରଭୁଙ୍କ ପୟରେ ସ୍ଥାନଟି ପାଇଲେ
ସାର୍ଥକ ହୋଇବ ଯାଇ ।

କାହିଁକି ମନରେ ଦୁନିଆ ଭ୍ରମୁଛୁ
ଡର ନାହିଁକି ତୋହର
ଶହେ ବରଷର ହିସାବ ଖାତାରେ
ଯିବାକୁ ଇଚ୍ଛାକି ତୋର ।

ସମୂହ କଲ୍ୟାଣ ମାନବୀୟ ଗୁଣ
ପ ଅଳଙ୍କାର ସାଥେ
ସୁକର୍ମ ଆୟତେ ସୁବିଚାର ଥିଲେ
ପ୍ରଭୁ ଥିବେ ପଥେ ପଥେ ।

+ ଚୁନଭାଟି, ଗୋପାଳ ଗାଁ,
ବାଲେଶ୍ୱର

ଡକ୍ଟର ଶ୍ରୀହରି ପଣ୍ଡା

# ଶ୍ରୀକ୍ଷେତ୍ରେ ଭଉଁରୀ

ଦେବବିଗ୍ରହମାନଙ୍କର ବାହାର ଯାତ୍ରା ନୀତି ଅକ୍ଷୟ ତୃତୀୟା ଦିନଠାରୁ କୋଡ଼ିଏ ଦିନ ପର୍ଯ୍ୟନ୍ତ ଉପରୋକ୍ତ ବିଧିରେ ପାଳିତ ହେଲେ ମଧ୍ୟ ୨୦ଦିନଟି ଅତ୍ୟନ୍ତ ଆଡ଼ମ୍ବରରେ ପାଳିତ ହୁଏ ଓ ଏହିଦିନ ରାତ୍ରଚାପ ପୁଷ୍କରିଣୀରେ ଏକୋଇଶ ଘେରା ବୁଲିଥାଏ ଯାହାକୁକି ଭଉଁରୀ ଯାତ୍ରା କୁହାଯାଏ । ଏହିଦିନ ଠାକୁରମାନଙ୍କ ସ୍ୱତନ୍ତ୍ର ପଟୁଆର ଯାତ୍ରା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ବିଭିନ୍ନ ଆତସବାଜି, ପତାକାଧାରୀ ଶୋଭାଯାତ୍ରା, ବାଦ୍ୟ, ନାଗା, ମେଜ, ସଂକୀ ର୍ତ୍ତନ ଇତ୍ୟାଦି ପଟୁଆରର ଆଗେ ଆଗେ ଯାଇଥାଏ । ଉକ୍ତଦିନ ପାଲିଙ୍କି ଓ ମଣିବିମାନଗୁଡିକ ଭେଲଭେଟ କନା, ଜରି, ବିଭିନ୍ନ ପୁଷ୍ପ ଇତ୍ୟାଦିରେ ଅଧିକ ଆକର୍ଷଣୀୟ ଭାବେ ସଜ୍ଜିତ ହୋଇଥାଏ ।ଠାକୁରମାନେ ଚାପକୁ ବିଜେ ହେବା ସମୟରେ ବିଭିନ୍ନ ଆତସବାଜି ହୋଇଥାଏ । ଏହି ଦି ଠାକୁରମାନେ ରାତ୍ରିଚାପରେ ପୁଷ୍କରିଣୀର ପ୍ରତିକୋଣରେ ସାତଘେରା ଲେଖାଏଁ ମୋଟ ୨୧ ଘେରା ଜଳକ୍ରୀଡା (ନୌବିହାର) କରିଥାନ୍ତି । ଯାତ୍ରା ଭାଗବତର ସୂଚନା କ୍ରମେ ଏହି ଘେରା ଅଗ୍ନିକୋଣରୁ ଆରମ୍ଭ ହୋଇ ଐଶାନ୍ୟକୋଣ ପର୍ଯ୍ୟନ୍ତ ପ୍ରତ୍ୟେକ କୋଣରେ ସାତଥର ଲେଖାଏଁ ଭଉଁରୀ କରାଯାଇ ସର୍ବଶେଷରେ ପୁଷ୍କରିଣୀର ମଧ୍ୟ ସ୍ଥଳରେ ଭଉଁରୀ କରାଯାଏ । ଏହାର ପରଦିନ ଅର୍ଥାତ୍ ୨୧ ଦିନରେ ହଳଦୀପାଣି ଉତ୍ସବ ପାଳିତ ହୁଏ । ଏହିଦିନ ବିଗ୍ରହମାନେ ଚନ୍ଦନମଣ୍ଡପକୁ ବିଜେ ନ ହୋଇ ତଥା ନୌବିହାର ଯାତ୍ରା କରାନଯାଇ କେବଳ ଦିନ ଚାପରେ ଶ୍ରୀମଦନମୋହନ ଓ ରାମ, କୃଷ୍ଣ ଏକାଠି ବିଜେ ହୋଇ ଅନ୍ୟାନ୍ୟ ବନ୍ଦାପନା ଓ ହଳଦୀ ପାଣି ପିଚକାରୀ ଖେଳନୀତି ସମ୍ପନ୍ନ ପରେ ଶ୍ରୀମନ୍ଦିରକୁ ବାହୁଡା ବିଜେ ହୋଇଥାଏ । ଏହି ଯାତ୍ରା ଦର୍ଶନରେ ଭକ୍ତଙ୍କର ସମସ୍ତ ପାପ ନାଶ ହୋଇଥାଏ ବୋଲି ନିଳାଦ୍ରି ମହୋଦୟରେ ବର୍ଣ୍ଣିତ ହୋଇଛି ।

"ମାର୍ଗେ ମହୋତ୍ସବତୟା ସ୍ୱପଦେଷୁ ନିବେଶୟେତ୍ ।
ଦେବାନାଂ ଗନ୍ଧଲେପଂ ଚ ଯଜ୍ଞଳଭ୍ରମଣଂ ତଥା ॥
ଜଳମଣ୍ଡପପୂଜାଂ ଚ ମାର୍ଗେ ବୈଷାଂ ଗତାଗତେ ।
ପଶ୍ୟନ୍ତି ଭ୍ରୋମତୋ ଭକ୍ତ୍ୟା ତେଷାଂ ସ୍ୟାତ୍ପାପସଂକ୍ଷୟଃ ॥"

ଅର୍ଥାତ୍ ଚନ୍ଦନ ପୁଷ୍କରଣୀଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡରେ ଶୋଭାଯାତ୍ରାରେ ପ୍ରତିମାମାନଙ୍କୁ ନେବାବେଳେ ଉତ୍ସବମାନ ଆୟୋଜନ କରିବ । ଶେଷରେ ପ୍ରତିମାମାନଙ୍କୁ ମନ୍ଦିରରରେ ନିଜ ନିଜ ସ୍ଥାନରେ ଅବସ୍ଥାନ କରାଇବ । ଠାକୁରମାନଙ୍କ ଚନ୍ଦନଲାଗି, ଚାପକେଳି, ଚନ୍ଦନକୁଣ୍ଡରେ ସ୍ନାନ, ଜଳମଣ୍ଡପରେ ପୂଜା ଏବଂ ମାର୍ଗରେ ଗମନାଗମନ ଶୋଭାଯାତ୍ରାକୁ ଯେଉଁମାନେ ଭକ୍ତି ସହିତ ଦର୍ଶନ କରନ୍ତି ସେମାନଙ୍କର ପାପ ନାଶ ଯାଏ ।

+ ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
(ମୋ)୯୮୫୩୯୪୮୪୫୮

ଭାଗୀରଥି ସାଗର

# କରୋନା ଓ ସାମାଜିକ ଚିତ୍ର

ବିଭୁ ରଚିତ ବିଶ୍ୱ, ଅତୀବ ମନୋଜ୍ଞ, ରମଣୀୟ, ଆକର୍ଷଣୀୟ ଓ ଚି ।କର୍ଷକ । ସେହି ସ୍ରଷ୍ଟା, ଯିଏ ଜୀବନ୍ତ ରଙ୍ଗ ତୂଳୀରେ ରଙ୍ଗାୟିତ କରିଛନ୍ତି ସମଗ୍ର ଜଗତ, ବ୍ରହ୍ମାଣ୍ଡକୁ । ଏଇଠି କୋଟି କୋଟି ଜୀବ ଆତ ଜାତ । ତନ୍ମଧ୍ୟରୁ ଅତି ଧୂରିଣ, ନିପୁଣ, ବୁଦ୍ଧିମାନ, ଚତୁର ତଥା ଶ୍ରେଷ୍ଠ ଜୀବ ହେଉଛି ମଣିଷ । ସଂପ୍ରତି ସେ ଆତଙ୍କିତ, ଭୟଭୀତ, ଚକିତ ଓ ଜର୍ଜରିତ। ଛନକା ପଶିଛି ତା ମନ, ପ୍ରାଣରେ। ଚତୁଃ ଦିଗ ହାହାକାର, ଛାନିଆ ହେଉଛି ମାନବ । କୋଣ ଅନୁକୋଣେ ସଟ୍ ଡାଉନ୍, ଲକ୍ ଡାଉନ୍ ଲାଗି ରହିଛି । କୋଳାହଳ ମୟ ରେଲୱେ ଷ୍ଟେସନ, ବସ୍ ଷ୍ଟାଣ୍ଡ, ବଜାର, ସହରର ଯାନବାହାନ ଚଳାଚଳ ପଥ ଦିଶୁଛି ଫାଙ୍କା ଫାଙ୍କା । ଯେଉଁ ପାର୍କରେ ଲୋକେ ପ୍ରାତଃ ଓ ସନ୍ଧ୍ୟା ସମୟ ଅତିବାହିତ କରୁଥିଲେ, ପିଲାଙ୍କର ରଡ଼ିରେ ନିସ୍ତବ୍ଧ ଫୁଲ, ପତର, କିସମ କିସମ ଝୁଲ ଣା, ଦୋଳି ହସୁଥିଲେ, ସେହି ଉଦ୍ୟାନରେ ଆଜି ତାଲା ଝୁଲୁଛି । ସହରର ବଡ଼ ବଡ଼ ମଲ୍ ଠାରେ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ପଡି ରହିଛି ।ବସ୍ତ୍ର ବ୍ୟବସାୟୀ ମାସ ମାସ ଧରି ଗାମୁଛା ଟିଏ ବି ବିକ୍ରୟ କରି ପାରୁନାହାନ୍ତି । ବଦଳିଛି ସମାଜର ଚିତ୍ର, ବଦଳିଛି ଲୋକଙ୍କ ମନୋଭାବ, ପରିବ ର୍ତ୍ତିତ ହେଇଛି ପ୍ରଶାସନିକ ବ୍ୟବସ୍ଥା।କେଉଁଠି ପାଇଁ, ଏପରି ଅବ୍ୟବସ୍ଥା ? ବିଶ୍ୱର ପ୍ରଗତି ପଥରେ ଏ କଳଙ୍କିତ, କବଳିତ, ନିଷ୍ଠୁର ଆଘାତ କାହିଁକି ? ସବୁରି ମୂଳରେ କରୋନା । ସାରା ବିଶ୍ୱର ଅର୍ଥନୈତିକ, ସାମାଜିକ, ଆଧ୍ୟାତ୍ମିକ, ସାଂସ୍କୃତିକ ତଥା ରାଜନୈତକ କ୍ଷେତ୍ର ଆଜି ଦୁର୍ବଳ ହେବାକୁ ବସିଲାଣି । କରୋନା ବୀଜ ଅଙ୍କୁରୋଦଗମ ହେଇଥିଲା ଚାଇନା ଦେଶର ଉହାନ ସହରର ମାଂସ ବଜାରରୁ। ହଜାର ହଜାର ନିରୀହ ଜୀବ ହାଣି ଜିହ୍ୱା ଆନନ୍ଦ ନେଉଁଛି ମଣିଷ। ଏଇ ସ୍ୱାଦ ଦିନେ ତା ପାଇଁ କାଳ ହେବ । ସେ ଥିଲା ଅନବିଜ୍ଞ । ଏହା କରୋନା ନାମିତ ହେଇ ସମ୍ପ୍ରସାରିତ ହେଲା ସମାଜର କୋଣ ଅନୁକୋଣେ । ଜଟିଳ ହେଉଛି ସାମାଜିକ ସ୍ଥିତି ଆଉ ଚିତ୍ର ।

ସାମ୍ପ୍ରତିକ ସମାଜ କରୋନା କବଜାରେ ହନ୍ତ ସନ୍ତ ହେଉଛି । ପ୍ରବାସୀମାନେ ଜୀବିକା ହରାଇ ଗାଆଁ ମୁହାଁ ହେଉଛନ୍ତି । ଗମନା ଗମନ ଠପ୍ ହେଇଛି । ଏବେ କରୋନାର ଦ୍ୱିତୀୟ ଲହର ଚାଲିଛି । ଏହା ବଡ଼ ସାଙ୍ଘାତିକ ସମୟ । ଏ ସାଙ୍ଘାତିକ ସମୟରେ ମଧ୍ୟ ପ୍ରବାସୀ କେହି କେହି ବନ୍ଦୀ ଜୀବନ ଅତିବାହିତ କରୁଥିବା ବେଳେ କେହି କେହି ଚାଲି ଚାଲି ଆସୁଥିବାର ଦେଖିବାକୁ ମିଳୁଛି । କରୋନା ଜୀବନକୁ ଗୋଟି ଗୋଟି କରି ଖାଇ ଚାଲିଛି। କେତେବେଳେ ଭାଇରସ୍ କାହାକୁ ହ୍ରାସ କରୁଛି।ସ୍ଥାନେ ସ୍ଥାନେ ଲୋକେ ଖାଇବାକୁ ପାଇ ପାରୁ ନାହାନ୍ତି। ଚାରି ଆଡ଼େ କରୁଣ ଚିତ୍କାର। ସମସ୍ତେ କହୁଛନ୍ତି ତ୍ରାହି ତ୍ରାହି । ଏ ଘଡି ସନ୍ଧି ମୁହୂ ର୍ତ୍ତରେ ସବୁଠି ନୀରବ, ନିଶ୍ଚଳ । କେତେ ଲୋକଙ୍କ ପାଖରେ ପଇସା ଥିଲେ ବି ଆବଶ୍ୟକୀୟ ଦ୍ରବ୍ୟ ପାଇ ପରୁ ନାହାନ୍ତି । ଅନେକ ଥର ବିଶ୍ୱକୁ ମହା ମାରି ଛୁଇଁଛି । କିନ୍ତୁ ଏ ମହାମାରୀ ସମ୍ପୂର୍ଣ ଭିନ୍ନ, ଅତି ସୂକ୍ଷ୍ମ ତଥା ତୀକ୍ଷଣ । ଲୋକେ ତାଟି କବାଟ ଦେଇ ଦିନରେ ବି ରାତିର ଅନୁଭବ କରୁଛନ୍ତି । ବେଳେ ବେଳେ ଗରିବ ପରିବାର ପନି ପରିବା ନ ପାଇ ଲୁଣ ସହିତ ମଧ୍ୟ ପଖାଳ ଖାଉଛନ୍ତି। କରୋନା ରୋଗୀର ଶବକୁ ନିଜ ପୁଅ ଝିଅ, ପତ୍ନୀ ଏ ପରି କି ନିଜ ପିତା ମାତା ତଥା ଆତ୍ମୀୟ ସ୍ୱଜନ ମଧ୍ୟ ଛୁଉଁନହାନ୍ତି । ହାୟ, ଏ ରୋଗୀର ଭାଗ୍ୟ ଏଇଠି ଗରିବ ବି ଏମିତି ଅବସ୍ଥା ପାଏ ଆଉ କୋଟି ପତି ମଧ୍ୟ, ଯେଉଁଠି ଧନ ଦୌଳତର ମାନେ କିଛି ମଧ୍ୟ ନାହିଁ । ଅଟ୍ଟାଳିକା, ଶିଳ୍ପ, ଗହଣା ଗାଣ୍ଠି, ବିଳାସ ବ୍ୟସନ, ଭୋଗ, ମୁରବି ପଣିଆ, ମହାଜନ ଆଦି ପଦ ମୂଲ୍ୟ ହିନ । ଯେଉଁ ଅର୍ଥ ମଣିଷ କାର୍ଯ୍ୟରେ ଆସେ ନାହିଁ ସେଇଟା ଅର୍ଥ ନୁହଁ । ତାହା ମୂଲ୍ୟ ହିନ ।କଳା ସାମ୍ରାଜ୍ୟର ମାଳିକ କଳା ଅର୍ଥ ଉପାର୍ଜନ କରେ ଆଉ କରୋନାରେ ମରେ ତେବେ ଲୋକଙ୍କୁ ଠକି ନିଜ ସ୍ୱାର୍ଥ ପାଇଁ ଏ କଳା ଟଙ୍କା ଉପାର୍ଜନ କରିବାରେ ମହତ୍ୱ ରହିଲା କେଉଁଠି ? ଯେଉଁଠି ତା ଅର୍ଥ ସବୁ ମୂଲ୍ୟହୀନ ମନେହୁଏ, କାହା ପାଇଁ ଏ ନାଟ ନିଜ ପିଲା ପାଇଁ ନା, ସେ ତ ପୁଣି ତା ମଲା ଶବକୁ ଛୁଇଁ ମୁଖାଗ୍ନୀ ଦେବନି, ନିଜ ସ୍ତ୍ରୀ ପାଇଁ ନା ସେ ତ ଶବକୁ ଛୁଇଁ ଟିକିଏ ବି ଅନ୍ତିମ ଦର୍ଶନ କରିବ ନାହିଁ । ନିଜ ଝିଅ ପାଇଁ ଏ ଅର୍ଥ ନା ସେ ତ ପୁଣି ଶାଶୁ ଘର ଲୋକେ କଟକଣା କରିବେ ତଥା ନିଜ ଜୀବନ ରକ୍ଷା ନିମି ପଦାକୁ ବାହାରିବ ନାହିଁ । ଆତ୍ମୀୟ ସ୍ୱଜନ ମଧ୍ୟ ପର ଭାବି ଟିକିଏ ଅନାନ୍ତି ନାହିଁ । ତେବେ କାହିଁକି କଳା ଧନରେ ଧନୀର ମାନ୍ୟତା ପାଇବା ? ଏବେ ବି ଅନେକ ବ୍ୟବସାୟୀ ସୁଧୁରୁ ନାହାନ୍ତି । ଲୋକଙ୍କୁ ବ୍ୟବସାୟ ନାମରେ ଠକୁ ଛନ୍ତି । ଅପମି




ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୧୯

ବିଛଣାରେ ଶୋଇଶୋଇ ମୁଁ କେବଳ ଶୂନ୍ୟକୁ ଅନାଇ ରହିଥିଲି । ସେଦିନ ରାତିରେ ମୋତେ କିଛି ଖାଇବାକୁ ମଧ୍ୟ ଇଚ୍ଛା ହେଲାନି । ଦୁର୍ଯ୍ୟୋଧନଙ୍କ କଥାଗୁଡ଼ିକ ମୋ ମନରେ ତୀବ୍ର ପ୍ରତିକ୍ରିୟା କରୁଥିଲା । ଇଚ୍ଛା ହେଉଥିଲା ଏଇ ମୁହୂର୍ତ୍ତରେ ଯଦି ଏକଲବ୍ୟ ସହ ଭେଟ ହୁଅନ୍ତା ତେବେ ତାକୁ ଛାତିରେ ଜାକିଧରି ଧନ୍ୟ ହୁଅନ୍ତି । ଶୁଭେଚ୍ଛା ଜଣାନ୍ତି ତାଙ୍କର ଏ ମହନୀୟତା ପାଇଁ। କିନ୍ତୁ ପରକ୍ଷଣରେ ମୋର ଆଖିରେ ଲୋତକ ଭରି ଯାଉଥିଲା । ଏ କ'ଣ କଲେ ଏକଲବ୍ୟ । ନିଜର ଅଂଗ ଦାନ କରି ମହାବୀର ହେବାର ଆଶା ମନରୁ ମାରିଦେଲେ ।

ସାରାରାତି ମୁଁ କେବଳ ଛଟପଟ ହେଉଥିଲି। ମୋର ଯେମିତି ମନେ ହେଉଥିଲା ମୁଁ ବି ଏକଲବ୍ୟ ପରି ଅଂଗଛେଦନ କରିଦେଇଛି । ମହାବୀର ହେବାର ସ୍ୱପ୍ନ ମୋର ଅସଂପୂର୍ଣ୍ଣ ହୋଇଯାଇଛି । ଦୁଇହାତ ଯୋଡ଼ି ଏକଲବ୍ୟ ଉଦ୍ଦେଶ୍ୟରେ ନମସ୍କାର କଲି । ନିଷ୍ଠୁର ଗୁରୁଦେବଙ୍କ ପ୍ରତି ମନ ମୋର ବିଦ୍ରୋହ କରି ଉଠୁଥିଲା । ଅଭିମାନୀ ମନ ମୋର କିଛି ବୁଝିବାକୁ ପ୍ରସ୍ତୁତ ନଥିଲା । ମୋ ମନତଳେ ଉଙ୍କି ମାରୁଥିଲା ଅନେକ ପ୍ରତିଛବି। ସେଥିରେ ଭାସି ଉଠୁଥିଲେ ମୋର ମାଆର ମୁହଁ, ଛଳଛଳ ଭାବ । ଏକଲବ୍ୟର ରକ୍ତଝରା ଆଙ୍ଗୁଳି, ଆଉ ଦୁର୍ଯ୍ୟୋଧନର ଦାମ୍ଭିକତା, ଉଦାର ମିତ୍ରତା ।

- ଷୋହଳ -

ଗତ ରାତ୍ରିର କ୍ଳାନ୍ତିରେ ଅବସନ୍ନ ଲାଗୁଥିଲା ମୋର ତନୁମନ । ବିଳମ୍ବରେ ଶଯ୍ୟାତ୍ୟାଗ କରି ନିଜର ନିତ୍ୟକର୍ମ ସାରିଲି। ଶିକ୍ଷାୟତନକୁ ଯିବାରେ ମୋ ମନରେ ଆଗ୍ରହ ହେଉନଥିଲା। କ୍ରମଶଃ ସରିସରି ଆସୁଛି ଆମର ଶିକ୍ଷା। ଏମିତି କିଛିବର୍ଷ କଟିଗଲାଣି ଆହୁରି ବି କଟିଯିବ। ପଢ଼ା ଶେଷପରେ ଆମେ ସମସ୍ତେ ଆଶ୍ରମ ଛାଡ଼ି ଚାଲିଯିବୁ ନିଜନିଜ ସ୍ଥାନକୁ। ଯିଏ ଯାହାର କର୍ମକ୍ଷେତ୍ରକୁ ବାହୁଡ଼ି ଯିବୁ। ନିଜନିଜ କାମରେ ମନ ଦେବୁ। ରାଜକୁମାର ମାନେ ଫେରିଯିବେ ରାଜପ୍ରାସାଦକୁ। ଆଉ ମୁଁ, ହଁ ମୋତେ ଫେରିଯିବାକୁ ପଡ଼ିବ ସେଇ ଚମ୍ପାପୁର ଗାଁର ଝାଟିମାଟି କୁଡ଼ିଆ ଭିତରକୁ।

ଚମ୍ପାପୁର ମୋର ପଲ୍ଲୀ ଗାଁ। ଯାହାର ଧୂଳିମାଟିରେ କଟିଛି ମୋର ବାଲ୍ୟକାଳ, କୈଶୋର। ସେଠିକୁ ଫେରିଯାଇ ମୋତେ ପୁଣି ମୋ କାର୍ଯ୍ୟ କରିବାକୁ ପଡ଼ିବ। ପଛରେ ରହିଯିବ ଆଶ୍ରମ ଆଉ ଆଶ୍ରମ ଜୀବନର ବନ୍ଧୁ, ସହୋଦର। ସେସବୁ କଥା ମନରେ ଉଙ୍କି ମାରିଲେ ଆଖିରେ ମୋର ଲୁହ ଜକେଇ ଆସୁଥିଲା। ଦୀର୍ଘଦିନ ଧରି ଯେଉଁମାନଙ୍କ ସହ ମିଶିଲି, ଏକାଠି ପାଠପଢ଼ିଲି ସେମାନେ ରହିଯିବେ ମୋ ଠାରୁ ଅନେକ ଦୂରରେ। କାରଣ ମୁଁ ତ ଆଉ ସେମାନଙ୍କ ଭଳି ରାଜକୁମାର ନୁହେଁ। ଭାଗ୍ୟକୁ ଆଦରି କେଉଁଠି ନା କେଉଁଠି ପଡ଼ି ରହିଥିବି। ଏମିତି ବି ହୋଇପାରେ ରାଜକୁମାର ମାନେ ମୋତେ ଆଉ ଚିହ୍ନିବେ କି ନା। ବିଶେଷକରି ମୋର ପରମମିତ୍ର ଦୁର୍ଯ୍ୟୋଧନ ହୁଏତ ଦିନେ ରାଜା ହେବେ । ହେଲେ, ସେଦିନ ସେ କ'ଣ ଆଉ ମୋତେ ପରମମିତ୍ର ବୋଲି ଆଲିଙ୍ଗନ କରିବାକୁ ଧାଇଁ ଆସିବେ। ସାମାନ୍ୟ ସୂତପୁତ୍ର ମୁଁ । ଦାରିଦ୍ର୍ୟ, ଅଭାବ ଅନଟନ ମଧ୍ୟରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବଞ୍ଚିବାପାଇଁ ଦିନରାତି ମୋତେ ସଂଗ୍ରାମ କରିବାକୁ ପଡ଼ିବ । ରାଜକୁମାର ମାନଙ୍କପରି ଐଶ୍ୱର୍ଯ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ବଢ଼ିବା ତ ମୋ ଭାଗ୍ୟରେ ଲେଖା ନାହିଁ। ସାରଥୀ ପୁତ୍ର ଭାବେ ରଥଚାଳନା କରିବା ମୋର କୌଳିକ ବୃତ୍ତି । ତେଣୁ ରାଜକୁମାର ମାନଙ୍କ ସହ ଏକାଠି ଆଉ କ'ଣ ସତରେ ରହିପାରିବି ?

ଏମିତି ଅନେକ ଭାବନାରେ ମନ ମୋର ଅସ୍ଥିର ହୋଇ ଉଠୁଥିଲା। ଏବେବି ମୋର ଅସ୍ତ୍ରଶିକ୍ଷା ଲାଭ କରିବାର ଅନ୍ତିମ ଇଚ୍ଛା ପୂରଣ ହୋଇପାରିନି। ଗୁରୁଦେବ ମୋତେ ରୋକ୍‌ଠୋକ୍ ତାଙ୍କ ନିଷ୍ପତ୍ତି ଶୁଣାଇ କହି ଦେଇଥିଲେ ସୂତପୁତ୍ର ଭାବେ ବ୍ରହ୍ମାସ୍ତ୍ର ଜ୍ଞାନର ଅଧିକାରୀ ହେବା ମୋ ଭାଗ୍ୟରେ ନାହିଁ । ଆମ ମଧ୍ୟରୁ ଗୁରୁପୁତ୍ର ଅଶ୍ୱତ୍‌ଥାମା ଓ ଅର୍ଜୁନ ହିଁ ହେବେ ସେ ଜ୍ଞାନର ଅଧିକାରୀ।

ବ୍ରହ୍ମାସ୍ତ୍ର । ବ୍ରହ୍ମାଙ୍କ ଦ୍ୱାରା ବ୍ୟବହୃତ ଅସ୍ତ୍ର ହିଁ ବ୍ରହ୍ମାସ୍ତ୍ର । ସବୁ ଅସ୍ତ୍ରର ଉର୍ଦ୍ଧ୍ୱରେ ଯେଉଁ ଅସ୍ତ୍ର ତାହାହିଁ ବ୍ରହ୍ମାସ୍ତ୍ର। ସେ ଜ୍ଞାନର ଅଧିକାରୀ ହେବା ଏତେ ସହଜ ନୁହେଁ। ବହୁ କଠିନ ତପସ୍ୟା କରି ବି ଅନେକେ ପାଇପାରି ନାହାଁନ୍ତି ସେ ଅସ୍ତ୍ରଶିକ୍ଷାର ସୁଯୋଗ। ଶୁଣିଥିଲି, ହସ୍ତିନାପୁରରେ କେବଳ ଦୁଇ ବୀର ସେ ଜ୍ଞାନର ଅଧିକାରୀ। ଜଣେ ଭୀଷ୍ମଦେବ ଆଉ ଜଣେ ଆମ ଗୁରୁଦେବ ଦ୍ରୋଣାଚାର୍ଯ୍ୟ। ତାହା ମଧ୍ୟ ଗୁରୁ ପରଶୁରାମଙ୍କ କୃପାରୁ ।

ମୋ ମନରେ ଆଲୋଡ଼ନ। ଯାହା ପାଇବା ପାଇଁ ମୋର ଯୋଗ୍ୟତା ନାହିଁ, ଦୁର୍ଲଭ ଅସ୍ତ୍ର ପ୍ରାପ୍ତି ମୋ ଭାଗ୍ୟରେ ନାହିଁ । ତାହାପାଇଁ ମୋ ମନରେ ଏତେ ଉତ୍କଣ୍ଠା କାହିଁକି ? ମୋ ମନର ଲୋଭ, ମାୟା ମୋତେ ଏତେ ଆକର୍ଷିତ କରୁଛି କାହିଁକି ? କିନ୍ତୁ, ମୁଁ ଯେ ସେ ଲୋଭରୁ ନିଜକୁ ସଂଯତ କରି ପାରୁନି। ବ୍ରହ୍ମାସ୍ତ୍ର ଶିକ୍ଷାପାଇଁ ମନ ମୋର ସତତ ବ୍ୟାକୁଳିତ । ମୁଁ କିନ୍ତୁ ବେଦଜ୍ଞ ବ୍ରାହ୍ମଣ ନୁହେଁ କି ଶସ୍ତ୍ରନିପୁଣ ଆଚାର୍ଯ୍ୟ ବି ନୁହେଁ । ମୋର ସମଗ୍ର ଶରୀରରେ ହାତବୁଲାଇ ଆଣିଲେ ମୋତେ ଲାଗେ, ମୁଁ ଅନ୍ୟମାନଙ୍କ ଠାରୁ ଭିନ୍ନ, ସ୍ୱତନ୍ତ୍ର । ଯାହା ଅନ୍ୟମାନଙ୍କଠାରେ ନାହିଁ, ତାହା ମୋ ଠାରେ ଆସିଲା କେମିତି ? ଆଶ୍ରମରେ ତ ଏତେ ରାଜକୁମାର ଅଛନ୍ତି, ହେଲେ, କେହି ତ କାହିଁ ମୋ ପରି କବଚ କୁଣ୍ଡଳର ଅଧିକାରୀ ହୋଇପାରି ନାହାଁନ୍ତି। ମୋର ଯେମିତି ମନେ ହୁଏ ମୋର ଏହି ସ୍ୱତନ୍ତ୍ରତା ପାଇଁ ହୁଏତ ମୋ ଚିନ୍ତାଧାରା ବି ଥିଲା ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର, ଭିନ୍ନ।

ସଦାସର୍ବଦା ମୁଁ ମୋ ନିଷ୍ପତ୍ତିରେ ଅଟଳ । ଯେତେ କଷ୍ଟ ହେଲେ ବି ପଛଘୁଞ୍ଚା ଦେବା ମୋ ଜାତକରେ ଲେଖାନାହିଁ। ତେଣୁ ମୋ ମନରେ ବ୍ରହ୍ମାସ୍ତ୍ର ଶିକ୍ଷାପାଇଁ ଦୁର୍ବାର ସଂକଳ୍ପ ନେଲି। ଆଉ ସେଇଥିପାଇଁ ଠିକ୍‌କଲି ଯେମିତିହେଲେ ମୋତେ ପରଶୁରାମଙ୍କ ଶିଷ୍ୟ ହେବାକୁ ପଡ଼ିବ । କିନ୍ତୁ ଏହା କ'ଣ ସମ୍ଭବ ?

ପରଶୁରାମ ତ କେବଳ ବ୍ରାହ୍ମଣ ଶିଷ୍ୟଙ୍କୁ ହିଁ ଶିକ୍ଷା ଦିଅନ୍ତି। ଆଉ ମୁଁ ତ ବ୍ରାହ୍ମଣ ନୁହେଁ । ତେଣୁ, ମୋ ଅଭିଳାଷ କ'ଣ ସତରେ ପୂର୍ଣ୍ଣ ହେବନି। ଏମିତି ଅନେକ ପ୍ରଶ୍ନ ପରେ ପ୍ରଶ୍ନ ଉଙ୍କି ମାରୁଥାଏ ମନରେ ।

ସେଦିନ ସଂଧ୍ୟା ପୂଜା ସମୟରେ ମୋର ଆଦ୍ୟଗୁରୁ ସୂର୍ଯ୍ୟଦେବଙ୍କୁ ମନେମନେ ସ୍ମରଣ କରୁଥିଲି। ମୋ ମନର ଆଶା, ଅଭିଳାଷ, ଆକାଂକ୍ଷାର ପୂର୍ଣ୍ଣତା ପାଇଁ ବିନମ୍ର ନିବେଦନ କରୁଥିଲି। ମୋତେ ଲାଗୁଥିଲା ସୂର୍ଯ୍ୟଦେବ ଯେମିତି ମୋତେ ବାରମ୍ବାର ହସିହସି କହୁଥାନ୍ତି, ଧୈର୍ଯ୍ୟଧର କର୍ଣ୍ଣ, ତୁମର ଉଚ୍ଚାକାଂକ୍ଷା ନିଶ୍ଚୟ ପୂର୍ଣ୍ଣହେବ । ଯାହାର ମନ ଯେତେବଡ଼, ତାହାର କର୍ମ, ଭାଗ୍ୟ ମଧ୍ୟ ସେତେବଡ଼। ବାସ୍ତବିକ ମୋ ମନରେ ଯେତେବେଳେ କୌଣସି ଝଡ଼ ସୃଷ୍ଟିହୁଏ ମୋର ଏହି ସୂର୍ଯ୍ୟଦେବଙ୍କ ଉପରେ ଖୁବ୍ ଭରସା ଥାଏ। ମୋ ପ୍ରତି ସଦା ସଦୟ ସେ। ମୋ ମନର ବିଷର୍ଣ୍ଣତାର ମୁହୂର୍ତ୍ତରେ ହିଁ ମୋ ମନରେ ଆଶାର ଝରାଟିଏ ରୋପଣ କରି ଭରିଦିଅନ୍ତି ଉତ୍ସାହ । ଆଗକୁ ବଢ଼ି ଚାଲିବାର ପ୍ରେରଣା ଦିଅନ୍ତି । ମନେମନେ ମୁଁ କୃତ୍ୟକୃତ୍ୟ ହେଉଥାଏ ସୂର୍ଯ୍ୟଦେବଙ୍କ ଉପରେ । ଆଖିରୁ ଝରିପଡ଼େ ଆନନ୍ଦାଶ୍ରୁ । ନୀରବରେ ପ୍ରଣତି ଜଣାଉଥାଏ ତାଙ୍କ ଉଦ୍ଦେଶ୍ୟରେ । ପରକ୍ଷଣରେ କିନ୍ତୁ ଶଙ୍କା ଜାଗେ ମନରେ । ମୁଁ ବ୍ରାହ୍ମଣ ନୁହେଁ ସୂତପୁତ୍ର । ମୋ ଝରିପଟେ ମୋ ପ୍ରତି ଯେଉଁ ତାଚ୍ଛଲ୍ୟତା ତାର ଉଚିତ ଜବାବ ଦେବାକୁ ପଡ଼ିବ । ଆଉ ଅର୍ଜୁନ ସେ ବି ଦିନେ ଜାଣିପାରିବ ଏ ଜଗତରେ କେବଳ ସେ ଏକା ନୁହଁନ୍ତି ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଆହୁରି ବି ଜଣେ ବ୍ରହ୍ମାସ୍ତ୍ର ଜ୍ଞାନର ଅଧିକାରୀ ଅଛନ୍ତି।

ମୋ ପାଇଁ ଅର୍ଜୁନ ଓ ଅଶ୍ୱତ୍‌ଥାମା ଦୁହେଁ ଅନେକ ଦୃଷ୍ଟିକୋଣରେ ଭିନ୍ନ। ତାଙ୍କ ମଧ୍ୟରେ ଅନେକ ପ୍ରଭେଦ । ଜଣେ ଗୁରୁଙ୍କର ପ୍ରିୟ ଛାତ୍ର ଓ ଆଉ ଜଣେ ଗୁରୁପୁତ୍ର। ମୁଁ ଭାବେ ଆଚାର୍ଯ୍ୟଙ୍କ ପୁତ୍ର ଭାବେ ଅଶ୍ୱତ୍‌ଥାମା ହିଁ ସମସ୍ତଙ୍କର ବେଶି ଆକର୍ଷଣ ହେବାକଥା। ସବୁ ଦାବି, ଅଧିକାର ଅହଂଭାବ ତାଙ୍କ ପାଖରେ ରହିବାକଥା। ହେଲେ, ସେ ତ ଏକ ଭିନ୍ନ ଚରିତ୍ରର ବ୍ୟକ୍ତି । ଗୁରୁପୁତ୍ର ହୋଇ ବି ତାଙ୍କ ଚରିତ୍ର ଥିଲା ଅହଂଶୂନ୍ୟ । ତାଙ୍କର ଦର୍ଶନତତ୍ତ୍ୱ, ଜ୍ଞାନବତ୍ତା ମୋତେ ବେଶି ଆକୃଷ୍ଟ କରିଥିଲା । ଗୁରୁପୁତ୍ର ଭାବେ କିଛି ବିଶେଷ ଗୁଣାବଳୀର ଅଧିକାରୀ ହେବା ତାଙ୍କ ପକ୍ଷରେ ସ୍ୱାଭାବିକ। ତେଣୁ ମୋ ମନରେ ଦୁଃଖ ନାହିଁ । ହେଲେ, ଅର୍ଜୁନ ଆଉ ମୋ ଭିତରେ ଗୁରୁଦେବଙ୍କ ପାତର ଅନ୍ତର ନୀତି ମୋ ମନରେ ଥିଲା ବ୍ୟଥାର କାରଣ । ବାସ୍ତବରେ ଗୁରୁଦେବଙ୍କ ଏହି ଅବିଚାର ମୋତେ ଅର୍ଜୁନ ବିରୋଧୀ କରି ଛିଡ଼ା କରାଇଥିଲା। ଯେଉଁ ପ୍ରତିଶୋଧର ନିଆଁ ମୋ ଛାତିରୁ ବାହାରିଛି, ଭବିଷ୍ୟତରେ ତାହା କେବେ ଲିଭିବ ନାହିଁ। ବରଂ ଆହୁରି ପ୍ରଜ୍ୱଳିତ ହୋଇ ଜଳିବ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

# କର୍ମ ଉଦ୍ଦେଶ୍ୟର ପ୍ରତିଫଳନ

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍

ନିଜକୁ ମୁଖ୍ୟ, ସଚ୍ଚୋଟ, ନ୍ୟାୟବନ୍ତ, ଦାନୀ ଓ ପରାକ୍ରମୀ ଦେଖେଇବାକୁ ଯାଇ ଅନେକ ଲୋକ ଟଙ୍କା-ପଇସା, ସୁନା-ରୂପା, ଦାନ-ଧର୍ମର ପ୍ରହସନ କରି ସମସ୍ତଙ୍କୁ ହାତମୁଠାରେ ରଖି ସାମ୍ରାଜ୍ୟର ଆଧିପତ୍ୟ ଅର୍ଜନ କରିବାର ମନସା ରଖିଥାନ୍ତି। ପ୍ରଚୁର ଅର୍ଥ ଦାନ କରି ହୁଏତ ସେ ବ୍ୟକ୍ତି କ୍ଷଣସ୍ଥାୟୀ ସମର୍ଥନ କିଣିପାରନ୍ତି, ଆଡମ୍ବରପୂର୍ଣ୍ଣ ଜୀବନଶୈଳୀ ଦେଖେଇ ପାରନ୍ତି, କିଛି ଲୋକଙ୍କୁ ଗୋଲାମ କରି ରଖିପାରନ୍ତି, କିନ୍ତୁ ମନ ଭିତରେ ଅହଂକାର ଓ ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ତାଙ୍କ କର୍ମର ଖାତାରେ ଶୂନ ଲେଖାଥାଏ ଏବଂ ବହୁତ ବଡ ଦୁର୍ଭାଗ୍ୟ ନେଇ ଆଉ ଗୋଟେ ଜନ୍ମକୁ ଯାଇଥାନ୍ତି।

କର୍ମ ଈଶ୍ୱର ପ୍ରଦତ୍ତ ଗୋଟେ କଳା ନୁହେଁ। 'କର୍ମ' ମଣିଷର ଉଦ୍ଦେଶ୍ୟର ପ୍ରତିଫଳନ। ମଣିଷ କେଉଁଠି କେବେ କେମିତି କାହାପାଇଁ କେଉଁ ଭାବନା ବା ଉଦ୍ଦେଶ୍ୟ ରଖି କାମ କରିଥାଏ ତାହାହିଁ ତାର କର୍ମ ହୋଇଥାଏ।

କର୍ମ ସବୁବେଳେ ସ୍ୱଚ୍ଛ ଚିନ୍ତନର ବାର୍ତ୍ତାବହ। ବେଳେବେଳେ ଗୋଟେ ସଂସ୍ଥାରେ ଅନେକ ଲୋକ ମିଶି କାମ କରନ୍ତି, ପରସ୍ପର ସହିତ ମଧୁର କଥାବାର୍ତ୍ତା ହସମଜାରେ କାମ କରନ୍ତି। ସମସ୍ତଙ୍କ ମଧ୍ୟରେ ଗୋଟେ ଟିମ୍ ସ୍ପିରିଟ୍ ଥାଏ ଯାହା ସଂସ୍ଥାକୁ ଆଗକୁ ନେଇଥାଏ। କିନ୍ତୁ ବ୍ୟକ୍ତିଗତ ଭାବେ ମନ ଭିତରେ ପରସ୍ପର ପ୍ରତି ପ୍ରାୟ ନକରାତ୍ମକ ବିଚାର, ଈର୍ଷା-ଅସୂୟା, ଅସହମତି ରହିଥାଏ। ସେମାନେ ଯଦିଓ ମିଳିତଭାବେ କାମ କଲାବେଳେ ହସନ୍ତି, ମଧୂର କଥାବାର୍ତ୍ତା କରନ୍ତି, ହେଲେ ମାଲିକ ଯଦି ଜଣକୁ ଭଲକାମ କରିଛି ବୋଲି କହିଦିଏ ସମସ୍ତେ ନିଜକୁ ଭଲ ବୋଲି ଦାବି କରି ଉପରେ ନକହିଲେ ବି ମନ ଭିତରେ ବିଦ୍ରୋହ ରଖିଥାନ୍ତି। ସେଠି ସେହି କାମକୁ ଟିମ୍ ସ୍ପିରିଟ୍ କୁହାଯାଇ ପାରିବ ନାହିଁ ଯେଉଁଠି ମନର ସ୍ପିରିଟ୍ ଜିରୋ ବା ନେଗେଟିଭ୍ ଥାଏ।

ଯେମିତି ବାପା ମାଆ ପିଲାଙ୍କୁ ଗାଳି କରି ଶାସନ କରିଥାନ୍ତି କିନ୍ତୁ ତାଙ୍କର ଉଦ୍ଦେଶ୍ୟ ଥାଏ ପିଲାଙ୍କୁ ଶୃଙ୍ଖଳିତ ରଖିବା। ବେଳେବେଳେ ଆପଣଙ୍କ କାମକୁ କେହି ସମାଲୋଚନା କରି ଆହୁରି ଭଲ କରିବାକୁ ପରାମର୍ଶ ଦେଇଥାଏ, କେବେ ବିରକ୍ତ ହୋଇ ଗାଳି ବି ଦେଇଥାଏ,ତାର ଉଦ୍ଦେଶ୍ୟ ଥାଏ ଆପଣଙ୍କୁ ଭଲବାଟ ଦେଖାଇବା। ଅଥଚ ଆପଣ ତାର ଉଦ୍ଦେଶ୍ୟ ନବୁଝି ବ୍ୟବହାରରେ ଉତ୍କ୍ଷୀପ୍ତ ହୋଇ ସମ୍ପର୍କ କାଟି ଦେଇଥାନ୍ତି। କିନ୍ତୁ ଏମିତି ବି କେହି ଆପଣଙ୍କ ଜୀବନରେ ଥାଇପାରନ୍ତି ଯିଏ ଖୁବ୍ ପ୍ରଶଂସା କରୁଥିବେ, ମିଠା ମିଠା କଥା କହୁଥିବେ, ଆପଣଙ୍କ ସହ ହସି ହସି ଅଫିସରେ କଥା ହେଉଥିବେ, ଅଥଚ ଆପଣଙ୍କ ଅଜାଣତରେ ମାଲିକ ସାମନାରେ ଆପଣଙ୍କ ଚୁଗଲି କରି ମାଲିକଠୁ ଗାଳି ଶୁଣାଉଥିବେ।

ଆପଣ ସେଠି ବିଶ୍ୱାସ କରିପାରିବେନି ଯିଏ ଆପଣଙ୍କ ସହିତ ଏତେ ଭଲ ସମ୍ପର୍କ ରଖେ, ସେ ଆପଣଙ୍କ ଶତ୍ରୁ ଭଳି ବିନାଶର କାରଣ ବି ହୋଇପାରେ। ତେଣୁ ଯିଏ ମୁଖରେ ମଧୂ ରଖି ପେଟରେ କତୁରି ରଖିଥାଏ, ଭଲ ବ୍ୟବହାରର ପ୍ରହସନ କରି ପଛପଟେ ଆପଣଙ୍କ ବିନାଶ ଚିନ୍ତା କରେ, ତାର ଅପଚିନ୍ତା ହିଁ ତା କୁକର୍ମ ହୋଇ ଭାଗ୍ୟରେ ଲେଖିହୁଏ।

କର୍ମ ସବୁବେଳେ ଉଦ୍ଦେଶ୍ୟର ଭାଷା ବୁଝେ। ଆମେ କାହାପାଇଁ କଣ କାମ କଲେ ବଡ କଥାନୁହେଁ, କେଉଁ ଉଦ୍ଦେଶ୍ୟ ରଖି କାମକଲେ ତାହାହିଁ ଆମ କର୍ମର ଆକାଉଣ୍ଟରେ ଡିପୋଜିଟ୍ ହୁଏ ଓ ଭାଗ୍ୟଫଳ ହୋଇ ଭାଗ୍ୟରେ ଲେଖାହୁଏ।

+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,
ଭୁବନେଶ୍ୱର-୬
(ମୋ) ୯୪୩୯୭୨୬୦୬୦

## ଆଜିର କବିତା

### ନୀରବ ମୀମାଂସା...

ପଦ୍ମାଳୟା ସାମଲ

ମୋର ନୀରବ ସମର୍ପଣକୁ
ଅଧୀର ଆବେଗରେ
ଆତ୍ମୀୟତାରେ ପାଛୋଟି ନେଲାବେଳେ,
ଅଳ୍ପ କେତୋଟି ନିଜସ୍ୱ ଅଭିବ୍ୟକ୍ତି
ଅକ୍ରୋଶର ଶରବ୍ୟ ହୁଅନ୍ତି କାହିଁକି ??

ନିଜକୁ ସ୍ଥିର କରିବାର ସାଧ୍ୟାତୀତ
ପ୍ରଚେଷ୍ଟା କେମିତି କେଜାଣି,
ଅଜଣାତରେ ସାଧିତ ହୋଇଯାଏ ।

ତେବେ ବି ମୁଁ ନିଜକୁ ବା ତୁମକୁ
କ୍ଷମା ଦେଇ ପାରେନି
ମୋର ଆକୁଳ ପ୍ରତିଶ୍ରୁତି ଓ
ତୁମର ଅବୁଝା ଅନ୍ୱେଷାର
ଅନ୍ତରଙ୍ଗ ଭେଟାଭେଟି କ୍ଷଣମାନଙ୍କରେ ।

ସାଗର ଛାତି ପାତେ, ନଦୀ ଆକୁଳ ହୁଏ
ତେବେ ବି ସାଗର ସଙ୍ଗମରେ
ଅନେକ ବାଧା ।

ବଚନବଦ୍ଧତା କେବେ ଜନ୍ମ ନେଇ
ଦୁମଟିଏ ପାଲଟି ସାରିଥାଏ
ଭିନ୍ନ ଇଚ୍ଛା ଅନିଚ୍ଛାକୁ ପରାହତ କରି ।

ନୀଳ ନିର୍ଜନରେ ଲହରୀ ଖେଳାଇ
କାଶତଣ୍ଡୀ ଫୁଲ ଫୁଟେ, କେବେ ଝରିଯାଏ
ସବୁ ମିଛ ପ୍ରହେଳିକା ମନେ ହେଲେ ବି,
ମାୟା କଟେନା ।

ବରଂ ଅବିରତ ଜୀବନ ଚାଲେ,
ହାରିବା ହରାଇବା ଭିତରେ ।

ସମୟ ସାଥିରେ କେବେ ଆତ୍ମା ମାନି ନିଏ
ବନ୍ଧନ ଦୃଢ଼ ହୁଏ
ଅମାନିଆ ମନ, ସନ୍ଦିଗ୍ଧ ବିବେକକୁ
ଅଗତ୍ୟା ସ୍ୱୀକାର କରିବାକୁ ପଡେ
ଭବିତବ୍ୟର ମୀମାଂସାକୁ ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

### ମୋ ଗାଁ...

ଡଃ ମାଙ୍ଗଳିକା ମହାପାତ୍ର

ଗାଁଟି ମୋର ଭାରି ସୁନ୍ଦର
ସତରେ ତା ଛବି କେତେ ମନୋହର
ଦିଶଇ ପୂରବେ ଯେବେ ରବି
ଅଭୁଲା ସେବେ ତା ଛବି ...
ଗାଁ ମୁଣ୍ଡରେ ଗ୍ରାମ ଦେବତୀ
ଲୋକେ ପୂଜନ୍ତି ଯାଇ
ସନ୍ଧ୍ୟା ହେଲେ ଭାଗବତ ଟୁଙ୍ଗି
ଭକ୍ତି ଭାବରେ ପୂରଇ
ପୁରୁଣା ସେହି ବିଦ୍ୟାଳୟ
ଗଢିଛି କେତେ ମଣିଷ
ଭୁଲିନି କି ଭୁଲି ହେବନି
କେବେ ତାହାର ଯଶ
ଯୁବକଙ୍କ ପାଇଁ ଗାଁ
ମଝିରେ ଅଛି କ୍ଲବ୍ ଘର
ଖେଳ କସରତ ଚାଲେ ଜବର
ମିଳେତ ସବୁ ଖବର
ଚାଷୀ ଭାଇଟି ହଳ ଧରି
କ୍ଷେତକୁ ଯାଏ ଧାଇଁ
ଖରା ବରଷାକୁ
ଖାତିରି ନ କରି
ଖଟଇ ଆମ ପାଇଁ
ସକାଳ ହେଲେ ଗଉଡ ଭାଇ
ଗାଈ ଫିଟାଏ ଯାଇ
ଗୋଧୂଳି ବେଳ ଆସିଲେ ନଇଁ
ହମା ହମା ରଡ଼ି ଶୁଭଇ ..
ସେଇ ଗାଁ ଟି ମୋର ପ୍ରିୟ ଅଟଇ
ତା ବିନା କିଛି ଭାବି ପାରେ ନାହିଁ ।

+କିଟ୍ ବିଶ୍ୱବିଦ୍ୟାଳୟ

### ଜହ୍ନଟା ସତେ କି ଲୁଚି ଯାଉଛି...

ରଶ୍ମି ସାମଲ

ଏହି କିଛିଦିନ ହେଲା
ଏମିତି କାହିଁକି ଲାଗୁଛି।
ସତେକି ଏହି
ସମୟର କରାଳ ଗର୍ଭରେ
ପେଷି ହୋଇ ଗଲାଣି
ଏ ମଣିଷର ଜୀବନ।
ଆକାଶରେ ଜହ୍ନଟା
ସତେ ଯେପରି ଲୁଚି ଯାଉଛି
ସାଗରର ଢେଉ ସବୁ ନି

## ତୁଷାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ଫିନାଇଲ୍ ଓ ମାସ୍କ ବଂଟନ

ଭୁବନେଶ୍ୱର,୨/୬ (ନି.ପ୍ର): ତୁଷାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ୱାର୍ଡ଼ ନମ୍ବର ୨୮ର ନନ୍ଦିନୀପଲ୍ଲୀ ମୁଣ୍ଡାସାହି, ଶବରସାହି ଓ ସାଇନ୍ସପାର୍କ ବସ୍ତି ଏବଂ ଅନ୍ୟାନ୍ୟ ଅଂଚଳର ପ୍ରାୟ ୬ ଶହ ପରିବାରଙ୍କୁ ଫିନାଇଲ ଓ ମାସ୍କ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ, ସଭାପତି ଜିତେନ୍ଦ୍ର କୁମାର ଜେନା, ଉପଦେଷ୍ଟା ଶିବିର କୁମାର ପରିଡ଼ା, ରାମ ମାଝୀ, ତ୍ରିନାଥ ମହାରଣା, ସଂଗ୍ରାମ ଜେନା, ସୁଷମାଦେଇ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବଂଟନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଅବଦୁଲ ବାରୀଙ୍କ ବିୟୋଗରେ ପିସିସି କାର୍ଯ୍ୟଳୟରେ ଶୋକସଭା

ଭୁବନେଶ୍ୱର,୨/୬ (ନି.ପ୍ର): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ପୂର୍ବତନ ଅଧ୍ୟକ୍ଷ ଅବଦୁଲ ବାରୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରରିପ୍ରେକ୍ଷୀରେ ଶ୍ରୀ ମାଝୀ କହିଛନ୍ତି ଯେ ସ୍ୱର୍ଗତ ଅବଦୁଲ ବାରୀଙ୍କ ବିୟୋଗ ଆମ ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କର ସମାଜସେବା ଏବଂ କଂଗ୍ରେସ ଦଳରେ ତାଙ୍କର ସାଂଗଠନିକ କାର୍ଯ୍ୟକ୍ରମ ପାଇଁ ସେ ଆମନିକଟରେ ସ୍ମରଣୀୟ ହୋଇ ରହିବେ । ସେ ଦୀର୍ଘବର୍ଷ ଧରି ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ଦାୟିତ୍ୱ ବହନ କରିଥିଲେ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ କିପରି ସୁରକ୍ଷିତ ରହିବେ ଏବଂ ନ୍ୟାୟପ୍ରାପ୍ତ ହେବେ ସେ ଦିଗରେ ତାଙ୍କର ଉଦ୍ୟମ ଓ କାର୍ଯ୍ୟକ୍ରମ ପ୍ରଶଂସନୀୟ ଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ ଯେ ସ୍ୱର୍ଗତ ଅବଦୁଲ ବାରୀଙ୍କ ସହ ତାଙ୍କର ଦୀର୍ଘ ୪୦ ବର୍ଷର ସଂପର୍କ । ସେ କେବଳ ଜଣେ ରାଜନେତା ନୁହେଁ ଜଣେ ଉଚ୍ଚକୋଟୀର ସମାଜସେବୀ । ତାଙ୍କର ବିୟୋଗରେ ଆମେ ସମସ୍ତେ ମର୍ମାହତ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକ, ୟାସିର ନଓ୍ୱାଜ,ପଦ୍ମାକର ଗୁରୁ, ହଳଧର ସେଠୀ, ପ୍ରକାଶ ମିଶ୍ର, ଲିଙ୍ଗରାଜ ସାହୁ, ଦୀପକ ମହାପାତ୍ର, କହ୍ନେଇ ସେଠୀ, ଜିଆଉଲ ହକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା ରାଜ୍ୟରେ ଗବେଷଣା ସଂସ୍କୃତିକୁ ବ୍ୟାପକ କରିବ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨/୬ (ନି.ପ୍ର): ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣାକୁ ଅଧିକ ବ୍ୟାପକ ଏବଂ ଗବେଷଣା ସଂସ୍କୃତିକୁ ଆଗେଇ ନେବା ଦିଗରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା ଏକ ସମୟୋପଯୋଗୀ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଦୂରଦୃଷ୍ଟିସଂପନ୍ନ ପଦକ୍ଷେପ ଯୁବକଯୁବତୀଙ୍କୁ ଅଧିକ ଦକ୍ଷ କରି ତୋଳିବା ସହିତ ସେମାନଙ୍କର ଗବେଷଣା ଲବ୍ଧ ଜ୍ଞାନ ଜନସାଧାରଣଙ୍କ "ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସହାୟକ ହୋଇପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଆଜି ଆୟୋଜିତ ଏକ ଭର୍ଚୁଆଲ ବୈଠକରେ ମନୋନୀତ ରିସର୍ଚ୍ଚ ସ୍କଲାରମାନଙ୍କ ସହିତ ଆଲୋଚନା କରିବା ଅବସରରେ ମନ୍ତ୍ରୀ ଡ. ସାହୁ କହିଥିଲେ ଯେ ମାନବ ସମାଜ ଦିନକୁ ଦିନ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହେଉଛି । କୋଭିଡ୍-୧୯ ପରି ମହାମାରୀ ଯୋଗୁ ସାରା ବିଶ୍ୱ ଏକ ଅସ୍ୱଭାବିକ ପରିସ୍ଥିତି ଦେଇ ଗତି କରୁଛି । ଏଥିସହିତ ଆମ ରାଜ୍ୟକୁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି । ଏପରି କ୍ଷେତ୍ରରେ ଗବେଷଣା ଲବ୍ଧ ଜ୍ଞାନ ଯେପରି ମାନବ ସମାଜର କଲ୍ୟାଣ ସାଧିତ ହୋଇପାରିବ ଏବଂ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସହାୟକ ହୋଇପାରିବ ସେଥି ନିମନ୍ତେ ଯୁବ ଗବେଷକମାନେ ବିଶେଷ ଧ୍ୟାନ ଦେବା ଉଚିତ । ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୧୯ ରାଜ୍ୟ ମସିହାରୁ ଆରମ୍ଭ କରାଯାଇଥିବା ଏହି ଯୋଜନାରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଯୁବ ଅଧ୍ୟାପକଅଧ୍ୟାପିକାମାନଙ୍କୁ ଗବେଷଣା ନିମନ୍ତେ ଦୁଇବର୍ଷ ନିମନ୍ତେ ୫ ଲକ୍ଷ ଟଙ୍କା ସିଡ୍‌ଫଣ୍ଡ ପ୍ରଦାନ ଓ ଏନ୍‌ଇଟିରେ ଚୟନ ହୋଇଥିବା ଓ ରାଜ୍ୟ ବିଶ୍ୱବିଦ୍ୟାଳୟ କିମ୍ବା ରାଜ୍ୟ ଶିକ୍ଷାନୁଷ୍ଠାନରେ ପୂର୍ଣ୍ଣକାଳୀନ ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି କାର୍ଯ୍ୟକ୍ରମ ନିମନ୍ତେ ମାସିକ ୧୫ ହଜାର ଟଙ୍କାର ଫେଲୋସିପ୍ ୪ ବର୍ଷ ନିମନ୍ତେ ପ୍ରଦାନ ଏବଂ ସନ୍ଦର୍ଭ ପ୍ରକାଶନ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ୨୦୨୦ ବର୍ଷ ନିମନ୍ତେ ଏହି ଯୋଜନାରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପାଇଥିବା ୧୬୬ଟି ଗବେଷଣା ପ୍ରସ୍ତାବ ଏଥି ମଧ୍ୟରୁ ୧୫୩ଟି ପ୍ରସ୍ତାବକୁ ଅଭିଜ୍ଞ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ସମୀକ୍ଷା କରାଯାଇ ୧୦୬ଟି ପ୍ରସ୍ତାବକୁ ଚୟନ କମିଟି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ସେଥି ମଧ୍ୟରୁ ୪୦ଟି ପ୍ରସ୍ତାବକୁ ସିଡ୍ ରିସର୍ଚ୍ଚ ଫଣ୍ଡ ପ୍ରଦାନ ନିମନ୍ତେ ଅନୁମୋଦନ କରାଯାଇଥିଲା । ଏଥିରେ ୧୫ଟି ପ୍ରକଳ୍ପ ବିଜ୍ଞାନ ସମ୍ପର୍କୀୟ ଗବେଷଣା ହୋଇଥିବାବେଳେ ୬ଟି ଇଂଜିନିୟରିଂ, ୧୨ଟି ସାମାଜିକ ବିଜ୍ଞାନ, ୨ଟି ବାଣିଜ୍ୟ ଓ ବ୍ୟବସାୟ ଏବଂ ୫ଟି ଭାଷା ସମ୍ବନ୍ଧୀୟ ଗବେଷଣାକୁ ଅନୁମୋଦନ କରାଯାଇଥିଲା । ସେହିପରି ୨୦୨୦ରେ ପିଏଚ୍‌ଡି ରିସର୍ଚ୍ଚ ଫେଲୋସିପ୍ ନିମନ୍ତେ ୫୭ଟି ଆବେଦନପତ୍ର ମିଳିଥିବାବେଳେ ଫେଲୋସିପ୍ ନିମନ୍ତେ ୩୭ଟି ଆବେଦନକୁ ଅନୁମୋଦନ କରାଯାଇଥିଲା । ଏହି ପୂର୍ଣ୍ଣକାଳୀନ ରିସର୍ଚ୍ଚ ଫେଲୋସିପ୍ ନିମନ୍ତେ ପ୍ରତ୍ୟେକଙ୍କୁ ମାସିକ ୧୫ ହଜାର ଟଙ୍କା ଫେଲୋସିପ୍ ଏବଂ କଂଟିଜେନ୍‌ସି ବାବଦକୁ ବାର୍ଷିକ ୧୫ ହଜାରରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ୩୭ ଜଣ ରିସର୍ଚ୍ଚ ଫେଲୋସିପ୍ ମଧ୍ୟରୁ ୧୫ ଜଣ ବିଜ୍ଞାନରେ, ୧୩ ଜଣ ସାମାଜିକ ବିଜ୍ଞାନ, ୨ ଜଣ ବାଣିଜ୍ୟ ଏବଂ ୭ ଜଣ ଭାଷା ଓ ସାହିତ୍ୟ ବିଭାଗରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ବୈଠକର ମୂଳ ଆଭିମୁଖ୍ୟ ଥିଲା ମନୋନୀତ ରିସର୍ଚ୍ଚ ସ୍କଲାରମାନଙ୍କୁ ସେମାନଙ୍କ ଗବେଷଣା ନିମନ୍ତେ ପ୍ରୋତ୍ସାହିତ କରିବା । ବୈଠକ ପ୍ରାରମ୍ଭରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ପ୍ରାରମ୍ଭିକ ଅଭିଭାଷଣରେ କହିଥିଲେ ଯେ କୋଭିଡ୍ ମହାମାରୀ ସତ୍ତ୍ୱେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଓ ପ୍ରୋତ୍ସାହନ ଯୋଜନାର ଅଗ୍ରଗତି ଆଶାନୁରୂପ ହୋଇପାରିଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ପ୍ରଫେସର ସୁସ୍ମିତ ପ୍ରସାଦ ପାଣି, ପ୍ରଫେସର ଅତନୁ କୁମାର ପଟ୍ଟନାୟକ ସମେତ ରିସର୍ଚ୍ଚ ସ୍କଲାରମାନେ ସେମାନଙ୍କ ମତ ବିନିମୟ କରିଥିଲେ ।

## ଗ୍ଲୋବାଲ ଟେଣ୍ଡରରୁ ଓଡ଼ିଶାକୁ ଟିକା ମିଳିବା ନେଇ ସନ୍ଦେହ: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନବ ଦାସଙ୍କ ଚିଠିରୁ ସୂଚନା

ଭୁବନେଶ୍ୱର:,୨/୬ (ନି.ପ୍ର): ଗ୍ଲୋବାଲ ଟେଣ୍ଡରରୁ ଓଡ଼ିଶାକୁ ବିଦେଶୀ କମ୍ପାନି କରୋନା ଟିକା ମିଳିବା ନେଇ ସନ୍ଦେହ ବଢିଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ହର୍ଷବର୍ଦ୍ଧନଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଲେଖିଥିବା ଚିଠିରୁ ଏହି ସୂଚନା ମିଳିଛି । ମନ୍ତ୍ରୀ ଲେଖିଛନ୍ତି ରାଜ୍ୟର ଟିକା ଆବଶ୍ୟକତା ପୁରଣ କରିବାକୁ ଗ୍ଲୋବାଲ ଟେଣ୍ଡର ପାଇଁ ପ୍ରି-ବିଡ଼ ମିଟିଂ କରାଯାଇଥିଲା । ହେଲେ ଏଥିରେ ସାମିଲ ହୋଇନଥିଲେ ସେରମ୍ ଇନଷ୍ଟିଚ୍ୟୁଟ୍ ଓ ଭାରତ ବାୟୋଟେକ୍ । ରାଜ୍ୟର ଆବଶ୍ୟକତା ଅନୁଯାୟୀ ଏହି ଦୁଇ କମ୍ପାନି ଟିକା ଯୋଗାଇ ପାରୁନାହାଁନ୍ତି । ସେପଟେ ଗ୍ଲୋବାଲ ଟେଣ୍ଡର ଜରିଆରେ ଓଡ଼ିଶା ସରକାର ବିଦେଶୀ କମ୍ପାନି ଠାରୁ ଟିକା କିଣିବାକୁ ଚାହୁଁଛନ୍ତି । ହେଲେ ଅନ୍ୟ ରାଜ୍ୟରେ ହୋଇଥିବା ଗ୍ଲୋବାଲ ଟେଣ୍ଡରରେ କେହି ବିଦେଶୀ କମ୍ପାନୀ ରାଜ୍ୟକୁ ଟିକା ଯୋଗାଣ ପାଇଁ ରାଜି ହେଉନଥିବା ମିଡ଼ିଆ ରିପୋର୍ଟ ପ୍ରକାଶ ପାଇଛି । ମଡ଼ର୍ଣ୍ଣା ଓ ଫାଇଜର ଭଳି ବିଦେଶୀ କମ୍ପାନି କେବଳ କେନ୍ଦ୍ର ସରକାରଙ୍କ ସହ ଡ଼ିଲ କରିବାକୁ ଚାହୁଁଛନ୍ତି । ତେଣୁ ମନ୍ତ୍ରୀ ଚିଠିରେ ଲେଖିଛନ୍ତି କେନ୍ଦ୍ର ସରକାର ଏହି କମ୍ପାନି ଠାରୁ ଟିକା ଆଣି ରାଜ୍ୟକୁ ଯୋଗାଇ ଦିଅନ୍ତୁ । ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ।

## ନିଜ ଛବି ଆଙ୍କୁଛନ୍ତି ରାଜ୍ୟ ସରକାର: କଂଗ୍ରେସ

ଭୁବନେଶ୍ୱର,୨/୬ (ନି.ପ୍ର): ରାଜ୍ୟ ସରକାର ୟାସ୍ ବାତ୍ୟା କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ନ କରି ନିଜ ଛବି ଆଙ୍କିବାରେ ବ୍ୟସ୍ତ । ଆଜି ରାଜ୍ୟ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ବିରୋଧରେ ଏପରି ଅଭିଯୋଗ ଆଣିଛନ୍ତି ପିସିସି କାର୍ଯ୍ୟକାରୀ ସଭାପତି ତଥା କଂଗ୍ରେସର ୟାସ୍ ଟାସ୍କ ଫୋର୍ସ କମିଟି ଅଧ୍ୟକ୍ଷ ପ୍ରଦୀପ ମାଝୀ । ସେ କହିଛନ୍ତି, ଗତ ମେ ୨୦ ତାରିଖରୁ ବାତ୍ୟାର ଆଶଙ୍କା ଥିବା ନେଇ ଜଣାପଡ଼ିବା ପରେ ବି ସରକାର ଖାମଖିଆଲି ଭାବେ ପ୍ରସ୍ତୁତିରେ ଅବହେଳା କରିଥିଲେ । ଯାହା ଯୋଗୁ ଲକ୍ଷ ଲକ୍ଷ ଲୋକମାନଙ୍କ ଅବସ୍ଥା ବିପନ୍ନ ହୋଇଛି ।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଟାସ୍କ ଫୋର୍ସ କମିଟି ଶ୍ରୀ ମାଝୀଙ୍କ ନେତୃତ୍ୱରେ ଭଦ୍ରକ, ବାଲେଶ୍ୱର ଜିଲ୍ଲାର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲା । ଶ୍ରୀ ମାଝୀ କହିଛନ୍ତି ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଜିଲ୍ଲା ପରିଦର୍ଶନ କରିଥିଲେ । କିନ୍ତୁ କ୍ଷତିଗ୍ରସ୍ତଙ୍କ ପାଖରେ ସରକାର ଏ ପର୍ଯ୍ୟନ୍ତ ପହଞ୍ଚିପାରିନାହାନ୍ତି । ସରକାରୀ କର୍ମଚାରୀମାନେ ଶାସକ ଦଳର କର୍ମୀ ଓ ଜନପ୍ରତିନିଧିଙ୍କ ହାତ ବାରିସି ସାଜି ରିଲିଫ ସାମଗ୍ରୀ ଦଳୀୟ ପ୍ରିୟାପ୍ରୀତି ଆଧାରରେ ବଣ୍ଟନ କରୁଛନ୍ତି । ଏସବୁ ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ଲୁଣାପାଣି ମାଡିଯାଇ ଲୋକମାନଙ୍କର ମୀନ, ପାନ ଓ ଧାନକ୍ଷେତକୁ ସଂପୂର୍ଣ୍ଣ ନଷ୍ଟ କରିଦେଇଛି । ପ୍ରାୟ ୫୦୦ରୁ ୭୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ଚାଷ କ୍ଷତିଗସ୍ତ ହୋଇଛି । ସେହିପରି ଧାନ, ପନିପରିବା ଓ ପାନଚାଷୀମାନଙ୍କର ପ୍ରାୟ ୧୦୦ କୋଟି କ୍ଷତି ହୋଇଥିବା କଂଗ୍ରେସ ଟାସ୍କ ଫୋର୍ସ କମିଟି ଆକଳନ କରିଛି । କ୍ଷତିଗ୍ରସ୍ତ ଚାଷୀମାନଙ୍କ ଲାଗି ସରକାର ଅବିଳମ୍ବେ ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ପିସିସି କାର୍ଯ୍ୟକାରୀ ସଭାପତି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ୧୨୮ଟି ଗ୍ରାମ ପାଣି ଘେରରେ ରହିଥିବା ସରକାର ତଥ୍ୟ ଦର୍ଶାଇଥିବା ବେଳେ ସେସବୁ ଅଞ୍ଚଳର ଲୋକମାନେ ଏବେ ବି ପାନୀୟ ଜଳ, ଶୁଖିଲା ଖାଦ୍ୟ, ପଲିଥିନ, ରନ୍ଧାଖାଦ୍ୟ ଓ ବିଦ୍ୟୁତ ସେବା ପାଇବାରେ ବହୁ ହଇରାଣ ହେଉଛନ୍ତି । ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ୭ ଦିନର ରିଲଫ ପରିବର୍ତ୍ତେ ୧୫ ଦିନ ପାଇଁ ରିଲିଫ ଘୋଷଣା କରନ୍ତୁ ।

ଓଡ଼ିଶା ସରକାର ଦୁଇ ହଜାର କୋଟି ଟଙ୍କାର ଆର୍ଥିକ ପ୍ୟାକେଜ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରନ୍ତୁ ବୋଲି ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାସ୍କଫୋର୍ସ କମିଟି ସଦସ୍ୟ ପଦ୍ମାକର ଗୁରୁ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନଓ୍ୱାଜଙ୍କ ସମେତ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ମାନବ ଜୀବନର ଲକ୍ଷ୍ୟ ଉପରେ ଆନ୍ତର୍ଜାତିକ ୱେବ ଆଲୋଚନା ଚକ୍ର ଆୟୋଜିତ

ଭୁବନେଶ୍ୱର,୨/୬ (ନି.ପ୍ର): ପରୋପକାର ମାନବର ପରମ ଓ ଚରମ ଲକ୍ଷ୍ୟ ହେବା ଦରକାର ବୋଲି ପ୍ରସିଦ୍ଧ ଆଧାତ୍ମିକ ଗୁରୁ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମତ ପ୍ରକାଶ କରିଛନ୍ତି । ଜନସେବାକୁ ଜୀବନର ଧେୟ ଓ ପାଥେୟ କଲେ ମଣିଷ ଜନ୍ମ ଧନ୍ୟ ହୋଇଥାଏ ଓ ଆତ୍ମାର ମୋକ୍ଷ ଏବଂ ସ୍ୱର୍ଗ ପ୍ରାପ୍ତି ହୋଇଥାଏ ବୋଲି ସ୍ୱାମୀଜୀ ସୁଚାଇଥିଲେ । ଥିଙ୍କର୍ସ କ୍ଲବ ଓ ବିଶ୍ୱ ଓଡ଼ିଆ ସଂଗଠନ ଗୁଡିକର ମିଳିତ ସହଯୋଗରେ ଆୟୋଜିତ 'ଜୀବନର ଲକ୍ଷ୍ୟ' ଶୀର୍ଷକ ଏକ ଭାର୍ଚୁଆଲ ଆଲୋଚନା ଚକ୍ରକୁ ମୁଖ୍ୟ ବକ୍ତା ଭାବରେ ସମ୍ବୋଧନ କରି ଶ୍ରୀ ସରସ୍ୱତୀ, ଅର୍ଥ, ପଦାର୍ଥ ଏବଂ ସାମର୍ଥ୍ୟ ଭଳି ବସ୍ତୁବାଦୀ ମାନସିକତାକୁ ଦୂରେଇ ଦେଇ ନିସ୍ୱାର୍ଥପର ପରୋପକାର ଏବଂ ଈଶ୍ୱରଙ୍କୁ ନିଷ୍କାମ ଭକ୍ତି କଲେ ଚିରନ୍ତନ ଶାନ୍ତି ଏବଂ ଐଶ୍ୱରିକ ଆନନ୍ଦ ପ୍ରାପ୍ତି ହୋଇ ଥାଏ ବୋଲି ଦର୍ଶାଇଥିଲେ । ବର୍ତ୍ତମାନର କରୋନା ସଂକଟ କାଳରେ ସମଗ୍ର ବିଶ୍ୱର ଜନସାଧାରଣ ହନ୍ତସନ୍ତ ହୋଇ ତ୍ରାହି,ତ୍ରାହି ଡାକୁଥିବା ବେଳେ ସେଥିରୁ ମୁକ୍ତି ପାଇବାକୁ ହେଲେ ମନରୁ ହତାଶାବୋଧ କୁ ଦୂରେଇଦେଇ ଭୋଗ ବଦଳରେ ତ୍ୟାଗକୁ ଆପଣେଇବାକୁ ସ୍ୱାମୀଜୀ ପରାମର୍ଶ ଦେଇଥିଲେ । ଦୀର୍ଘ ଚାରି ଘଣ୍ଟା ଧରି ଚାଲିଥିବା ଏହି ଲାଇଭ ଷ୍ଟ୍ରିମିଙ୍ଗ ମାନସ ମନ୍ଥନ ଅଧିବେଶନକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ବରଦା ଦାସ ସଂଯୋଜନା ଓ ପରିଚାଳନା କରିଥିଲେ । ଭିଡିଓ କନଫରେନ୍ସିଂ ଜରିଆରେ ଏହି ଅନଲାଇନ ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରି ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ କରୋନା ମହାମାରୀ ଜୀବନର ସଂଜ୍ଞାକୁ ସଂପୂର୍ଣ୍ଣ ଭାବେ ବଦଳାଇ ଦେଇଥିବା ଉଲ୍ଲେଖ କରି ଜୀବନର ଅମୂଲ୍ୟତା, ପୁନର୍ଜନ୍ମର ପ୍ରାସଙ୍ଗିକତା ଏବଂ ମୋହ ମାୟାର ଔଚିତ୍ୟତା ନେଇ ସଧାରଣରେ ରହିଥିବା ଦ୍ୱନ୍ଦ୍ୱ ଗୁଡିକ ଉପରେ ଆଲୋକପାତ କରିଥିଲେ । ଡିଜିଟାଲ ମଞ୍ଚକୁ ବିଭୁଦତ୍ତ ମହାନ୍ତି ଓ ନନ୍ଦନ ଦ୍ୱିବେଦୀ ଦକ୍ଷତାର ସହ ନିୟନ୍ତ୍ରଣ କରିଥିଲେ । ଏହି ୱେବିନାରରେ କଟକରୁ ଡଃ ଅରୁନ୍ଧତୀ ଦେବୀ, କାଠମାଣ୍ଡୁରୁ ସଞ୍ଜୟ ଦାସ, ଆବୁଧାବିରୁ ସିଦ୍ଧାର୍ଥ ଦାସ, ଭୁବନେଶ୍ୱରରୁ ପୀତବାସ ମିଶ୍ର, ଲଣ୍ଡନରୁ କଳ୍ପନା ମିଶ୍ର, ଭୁବନେଶ୍ୱରରୁ କୃପାନିଧି ବିଶ୍ୱାଳ, ଭୁବନେଶ୍ୱରରୁ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ଥାଇଲାଣ୍ଡରୁ ଡଃ ଆଦ୍ରିଶ ବହ୍ମଦତ୍ତ, ଚେନ୍ନାଇରୁ ଶାନ୍ତନୁ ଜେନା, ଗାଜିଆବାଦରୁ ଲିପସା ପଟ୍ଟନାୟକ ମହାନ୍ତି, ଦୁବାଇରୁ ପ୍ରତିଶ ଦାଶ, ବେଙ୍ଗାଲୁରରୁ ମନୋଜ ପାତ୍ର, ନୂଆଦିଲ୍ଲୀରୁ ବିନାୟକ ଦାସ,ମୁମ୍ବାଇରୁ ଡଃ ବି କେ ମହାରଣା, ନୂଆଦିଲ୍ଲୀରୁ ପୁଷ୍ପାଞ୍ଜଳି ବାରିକ, ଭୁବନେଶ୍ୱରରୁ ଗୀତାଞ୍ଜଳୀ ବିଶ୍ୱାଳ, ନୂଆଦିଲ୍ଲୀରୁ ପ୍ରମୋଦ ସୁତାର, ଭୁବନେଶ୍ୱରରୁ ହୃଷୀକେଶ ପାତ୍ର ଓ ଟରୋଣ୍ଟୋରୁ ଡଃ ତନ୍ମୟ ପଣ୍ଡା ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ବୌଠକରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆମଷ୍ଟର୍ଡ଼ମରୁ ଦୀପକ ପରିଡ଼ା, କୋଲକାତାରୁ ପୀତାମ୍ବର ବାରିକ ଓ ଅହଲ୍ୟା ବାରିକ, ମୁମ୍ବାଇରୁ ଲୋପିତା ହୋତା, ଭୁବନେଶ୍ୱରରୁ ଆର କେ ଇଣ୍ଡିଆନ, ନୂଆଦିଲ୍ଲୀରୁ ରିତା ପାତ୍ର, ଭୁବନେଶ୍ୱରରୁ କୃଷ୍ଣ ନାୟକ, ନୂଆଦିଲ୍ଲୀରୁ ଆଇନଜୀବୀ ସସ୍ମିତା ତ୍ରିପାଠୀ, କୁଏତରୁ ତୁଷାର ମିଶ୍ର, ଭୁବନେଶ୍ୱରରୁ ଡଃ ରବିନରାୟଣ ବେହେରା ଓ ନୋଏଡାରୁ ଶ୍ରାବଣୀ ସ୍ୱାଇଁ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

## ୩୦% କର୍ମଚାରୀରେ ଚାଲିବ ସରକାରୀ ଅଫିସ

ଭୁବନେଶ୍ୱର,୨/୬ (ନି.ପ୍ର): ରାଜ୍ୟରେ କରୋନା ମହାମାରୀ ସଂକ୍ରମଣକୁ ନିୟନ୍ତ୍ରଣ ପାଇଁ ଲକଡାଉନ 

## କରୋନା ଓ ସାମାଜିକ ଚିତ୍ର...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଦର ଦାମ୍ ହୁ ହୁ ବଢୁଛି । ଜିନିଷ ପୁଣି କେତେକାଂଶରେ ନକଲି । ଖାଇବା ତେଲ ଆକାଶ ଛୁଆଁ। ନିମ୍ନ ମଧ୍ୟବିତ୍ତ ପରିବାର ମନରେ ପଶୁଛି ଭାଳେଣି।ସମାଜରେ ଚଳିବା ଏ ମାନଙ୍କ ପାଇଁ କାଠିକର ପାଠ ହେଇ ଉଠିଛି । ସେଲୁନଗୁଡିକ ବନ୍ଦ ହୋଇ ଥିବାରୁ ଲୋକେ ବାଳ, ଦାଢ଼ି ନ କାଟି ମଧ୍ୟ ଘରେ ରହି ଯାଉଛନ୍ତି, ଫଳରେ ସେଲୁନ ବ୍ୟବସାୟ ମାନ୍ଦା ହୋଇଛି । କରୋନା ସମାଜରେ ଅଧିକ ପରିମାଣରେ ଗରିବ ସୃଷ୍ଟି କହୁଛି । କେତେକ କରୋନା ରୋଗୀ ଉପଯୁକ୍ତ ଭାବେ ସରକାରୀ ଚିକିତ୍ସା ନ ପାଇ ନିଜ ଜମିବାଡ଼ି, ବାସନକୁସନ, ଘରଦ୍ୱାର ବିକ୍ରୟ କରି ମଧ୍ୟ ଘରୋଇ ଚିକିତ୍ସାର ଦ୍ୱାରସ୍ଥ ହେଉଛନ୍ତି।କେତେ ରୋଗୀ ଆରୋଗ୍ୟ ହୋଇ ଘରକୁ ଫେରୁଛନ୍ତି ତ କେତେକ ଅର୍ଥ ଖର୍ଚ୍ଚ କରି ମଧ୍ୟ ନିଜ ଜୀବନକୁ ପାଇ ପାରୁନାହାନ୍ତି।ଏ ଭାଇରସ୍ ଲୋକଙ୍କୁ ନିସ୍ୱ କରୁଛି।ନିଜ ନିଜ ଭାଇ ଭଉଣୀ, ଆତ୍ମୀୟ ସ୍ୱଜନ, ପଡୋଶୀ, ବନ୍ଧୁ ବାନ୍ଧବ ଘରକୁ ଯାଇ ହେଉ ନାହିଁ । ସବୁଠି ଡର, ସବୁଠି ଭୟ ଏବଂ ସବୁଠି ଛନକା । ବେଳେ ବେଳେ ପରିବାରର ପ୍ରତ୍ୟେକ ସଦସ୍ୟକୁ କରୋନା ହେବା ଫଳର କିଏ ବାପ ଛେଉଣ୍ଡ ହେଉଥିବା ବେଳେ କିଏ ମା ଛେଉଣ୍ଡ ତ ଆଉ କିଏ ପୁଣି ଉଭୟ ବାପା ମାଆଙ୍କୁ ହରାଇ ପିତା ମାତା ଛେଉଣ୍ଡ ହେବାର ଚିତ୍ର ସାମ୍ନାରେ ଦେଖିବାକୁ ମିଳୁଛି । କେତେକାଂଶରେ ନିଜର ଏକମାତ୍ର ପିଲାଙ୍କୁ ବାପାମା ହରାଇ ଦୁଃଖରେ ଭାଳି ହେଉଛନ୍ତି । ମହାମାରୀ ମାରି ଚାଲିଛି ସମାଜକୁ ।

ସମାଜର କରୁଣ ଚିତ୍ର ଦୂର କରିବାକୁ ହେଲେ ଆମେ ହି ସତର୍କତା ହେବାକୁ ହେବ।ଘରେ ରହି ସାମାଜିକ ଦୂରତା ରକ୍ଷା କରିବାକୁ ହେବ। ପ୍ରତିଟି ମଣିଷ ଜାଣିବାକୁ ହେବ ମାସ୍କ, ସେନିଟାଇଜର ଓ ସାବୁନର ମହତ୍ତ୍ୱ । କରୋନା ନିରାକରଣ ସକାଶେ ସଂପ୍ରତି ଜାତୀୟ ଚେତନା ହି ମହାମନ୍ତ୍ର ହୋଇ ପଡ଼ିଛି। ସୁତରାଂ ପ୍ରତ୍ୟେକ ମଣିଷ ହୃଦୟଙ୍ଗମ କରିବା ବିଧେୟ କୋରୋନା ନିଶ୍ଚୟ ସମାଜ ଠାରୁ ହଟିବ ।ଆମେ ହେବା ବିଜୟୀ, ଆମ ବିଜ୍ଞାନ ହେବ ବିଜୟ ଆଉ ଆମ ସମାଜରେ ଆମରି ବିଜୟ ବାନା ଉଡିବ ଫର ଫର । ପୁଣି ଥରେ ସମାଜ ହସିବ, ଗାଇବ ଆଉ ନାଚିବ ସବୁଠି, ସର୍ବତ୍ର ଏବଂ ପ୍ରତିଟି ମୁହୂର୍ତ୍ତେ ।

ଡ଼ାଲଗୁମା, କୋକସରା, କଳାହାଣ୍ଡି
ମୋ: ୯୩୩୭୬୨୪୮୯୯

## ରାଜଧାନୀରେ ୨୪ ଘଂଟାରେ ୯୧୮ ପଜିଟିଭ୍

ଭୁବନେଶ୍ୱର,୦୨/୦୬ (ନି.ପ୍ର): ଭୁବନେଶ୍ୱରରେ ଆଜି ଆକ୍ରାନ୍ତଙ୍କ ଠାରୁ ସୁସ୍ଥଙ୍କ ସଂଖ୍ୟା ଅଧିକ ରହିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଆଉ ୯୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୬୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୭୪୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୧୦୨ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଖଣ୍ଡଗିରି ରୁ ସର୍ବାଧିକ ୫୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଓଲ୍ଡ ଟାଉନ୍ ରୁ ୪୭ ଜଣ,ପଟିଆରୁ ୪୨ ଜଣ , ଚନ୍ଦ୍ରଶେଖରପୁରରୁ ୩୭ ଜଣ, ପାତ୍ରପଡାରୁ ୩୧ ଜଣ, ଲକ୍ଷ୍ମୀସାଗରରୁ ୨୭ ଜଣ, ନୟାପଲ୍ଲୀରୁ ୨୫ ଜଣ ,ଶୈଳଶ୍ରୀବିହାରରୁ ୨୪ ଜଣ, ବରମୁଣ୍ଡାରୁ ୨୪ ଜଣ , ଡୁମଡୁମାରୁ ୨୧ ଜଣ ,ଭରତପୁରଓ ବଡଗଡରୁ ୧୯ ଜଣ ଲେଖାଏଁ, ଝାରପଡା ଓ ଭୀମଟାଙ୍ଗୀରୁ ୧୮ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ଓଲ୍ଡ ଟାଉନ୍ ରୁ ୧୧ , ନୟାପଲ୍ଲୀରୁ ୮ ଜଣ, ପଟିଆ ଓ ସୁନ୍ଦରପଦାରୁ ୭ ଜଣ ଲେଖାଏଁ, ବଡଗଡ , ବମିଖାଲ ଓ ପୋଖରିପୁଟରୁ ୬ ଜଣ ଲେଖାଏଁ ଆକ୍ରାନ୍ତ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୭୬୭୬ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୬୬୩୨୪ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୦୯୮୮ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୪୩ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଟିକାର ଟିକିନିକି ତଥ୍ୟ ....

ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ନିଜ ଆଡୁ ଟିକାକରଣ ଓ ଟିକା କ୍ରୟ ଉପରେ ସବୁ ତଥ୍ୟ ଜାଣିବାକୁ ଚାହିଁଛନ୍ତି। କୋର୍ଟ କହିଛନ୍ତି, ବଜେଟରେ ଟିକା ପାଇଁ ୩୫ ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା। ଏଯାଏ ଟିକା କ୍ରୟ ପାଇଁ ଏହା କେମିତି ଖର୍ଚ୍ଚ କରାଯାଇଛି ? ଏହି ଅର୍ଥକୁ କାହିଁକି ୧୮-୪୪ ବର୍ଷର ଲୋକଙ୍କ ଟିକାକରଣ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ ? ଏହି ଅର୍ଥ ବଳରେ ୧୮ରୁ ୪୪ ବର୍ଷ ମଧ୍ୟରେ ଥିବା ଲୋକଙ୍କୁ ମାଗଣାରେ ଟିକା କ'ଣ ଦିଆଯାଇ ପାରିବ ନାହିଁ ? ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ଥିବା କୋଭାକ୍ସିନ, କୋଭିସିଲ୍ଡ ଓ ସ୍ପୁଟନିକ ଭି ଟିକାର କ୍ରୟ ଇତିହାସ ସୁପ୍ରିମକୋର୍ଟ ମାଗିଛନ୍ତି। ଏଯାଏ କେତେ ଟିକା ଅର୍ଡର ହୋଇଛି ? କେବେ ଅର୍ଡର ଦିଆଯାଇଛି ? କେତେ ଡୋଜ୍ ଆସିଛି ଓ ଆଉ କେତେ ଡୋଜ୍ କେବେ ଆସିବ, ତା'ର ତଥ୍ୟ ମଧ୍ୟ ସର୍ବୋଚ୍ଚ ଅଦାଲତ ମାଗିଛନ୍ତି। ଡିସେମ୍ବର ୩୧ ସୁଦ୍ଧା କେଉଁଠୁ କେତେ ଟିକା ମିଳିବ ଓ ବାକି ଥିବା ଲୋକଙ୍କୁ କେବେ ସୁଦ୍ଧା ଟିକା ଦିଆଯିବ, ସେ ବିଷୟରେ ମଧ୍ୟ ସର୍ବୋଚ୍ଚ ଅଦାଲତ ତଥ୍ୟ ମାଗିଛନ୍ତି।

### ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ....

୬ ଥର ବିଧାୟକଭାବେ ନିର୍ବାଚିତ ହୋଇଥିବା ସ୍ୱର୍ଗତ ରାଉତରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ୟାବିନେଟରେ ସ୍ୱାସ୍ଥ୍ୟ, ରାଜସ୍ୱ, ଜଙ୍ଗଲ ଓ ପରିବେଶ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀଭାବେ କାର୍ଯ୍ୟ କରିଥିଲେ । ସେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପୁତ୍ର । ସେ ଜନତା ଦଳ ଟିକେଟରୁ ଦୁଇଥର ଓ ବିଜୁ ଜନତା ଦଳ ଟିକେଟରୁ ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଉଭୟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ବର୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକାନ୍ତ ଅନୁଗତ ଥିବା ଶ୍ରୀ ରାଉତରାୟ ବିଜେଡ଼ିର କେତେକ ଜଣ ପ୍ରତିଷ୍ଠାତା ସଦସ୍ୟଙ୍କ ମଧ୍ୟରୁ ଅନ୍ୟତମ ଥିଲେ ।

### ମେ' ମାସରେ ଚାକିରି ହରାଇଛନ୍ତି ....

ନିର୍ବାହ କରୁଥିବା ଦେକାନୀଙ୍କ କାରବାର ଠପ୍ ହୋଇଗଲା । ଆଉ ଏହାରି ଭିତରେ କୋଟି କୋଟି ଲୋକ ରୋଜଗାର ହରାଇଲେ । ନିର୍ମାଣ ଶିଳ୍ପ, ପର୍ଯ୍ୟଟକ ଶିଳ୍ପ, ହୋଟେଲ ଶିଳ୍ପ ଭଳି ଅନେକ କ୍ଷେତ୍ରରେ କାମ କରୁଥିବା ଲକ୍ଷାଧିକ ଲୋକ ଚାକିରି ହରାଇଛନ୍ତି । ଆଇଟି ଭଳି ହାତ ଗଣତି କିଛି ସେକ୍ଟରକୁ ଛାଡ଼ି ଦେଲେ ଅନେକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସଂକୁଚିତ ହୋଇଛି ।

### ଦ୍ୱିତୀୟ ଲହର ସରିନି, ଚିନ୍ତା....

ଦ୍ୱିତୀୟ ଲହର ଶୀର୍ଷ ରହିଛି ୪.୨ ଗୁଣ ମେ ମାସ ୭ ତାରିଖରେ ଦେଶରେ ଚିହ୍ନଟ ହୋଇଥିଲେ ୪ ଲକ୍ଷ ୧୪ ହଜାରରୁ ଅଧିକ ଆକ୍ରାନ୍ତ । ଦ୍ୱିତୀୟ ଲହରରେ ଏହା ଥିଲା ଭାରତର ଶୀର୍ଷ ସଂକ୍ରମଣ । ଏହା ପରେ ଦେଶରେ ଦୈନିକ ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଏବେ ବି ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଦ୍ୱିତୀୟ ଲହର ପ୍ରକୋପ ବିଶେଷ ଭାବେ ହ୍ରାସ ପାଇନାହିଁ । ଏହାରି ଭିତରେ ତୃତୀୟ ଲହରକୁ ନେଇ ଆକଳନ ନୂଆ ଭୟ ସୃଷ୍ଟି କରିଛି । ତେବେ ତୃତୀୟ ଲହରରେ କରୋନାଜନିତ ମୃତ୍ୟୁ ୫ ପ୍ରତିଶତ ହ୍ରାସ ପାଇପାରେ ବୋଲି କହିଛି ଏସବିଆଇ ଇକୋରାପ୍ ରିପୋର୍ଟ । ଏପଟେ ଜୁଲାଇ ମଧ୍ୟ ଭାଗରୁ ଅଗଷ୍ଟ ପ୍ରଥମ ସପ୍ତାହ ବେଳକୁ ଦେଶରେ ଦିନକୁ ୧ କୋଟି ଟିକା ଦେବାକୁ ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର । ତୃତୀୟ ଲହର ମୁକାବିଲା ନେଇ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହାରି ଉପରେ ନିର୍ଭର କରୁଛି ତୃତୀୟ ଲହରକୁ କିପରି ନିୟନ୍ତ୍ରଣ କରାଯାଇପାରିବ ।

### ଟିକା କିଣିବା ପ୍ରସଙ୍ଗରେ ସବୁ ରାଜ୍ୟ ....

କରିବାରେ ଅସୁବିଧା ହେଉଛି। ଏଣୁ ଏଭଳି ସ୍ଥିତିରେ ରାଜ୍ୟକୁ ଟିକାକରଣ ନେଇ ନିଜସ୍ୱ ମେକାନିଜମ୍ ଜରିଆରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ କ୍ଷମତା ଦେବା ପାଇଁ ଉଲ୍ଲେଖ ରହିଛି । ଟିକା ପାଇଁ ରାଜନୈତିକ ହେଉ ବା ଅନ୍ୟ କୌଣସି ପ୍ରକାରର ମତଭେଦକୁ ଭୁଲି ଏହି ମାମଲାରେ ସହମତି ତିଆରି କରି ଲୋକ ମାନଙ୍କ ଜୀବନ ରକ୍ଷା ପାଇଁ କୋ-ଅପରେଟିଭ ଫେଡେରାଲିଜମର ଭାବନାକୁ ନେଇ କାମ କରିବାକୁ ପଡିବ ବୋଲି ସେ ପତ୍ରରେ ଲେଖିଛନ୍ତି । ଆମ ଲୋକଙ୍କୁ ସୁରକ୍ଷା ଦେବାର ଏକମାତ୍ର ମାଧ୍ୟମ ହେଉଛି ଟିକା। ଯୁଦ୍ଧକାଳୀନ ଭିତିରେ ଟିକାକରଣ ନକଲେ କୌଣସି ରାଜ୍ୟ ସୁରକ୍ଷିତ ନୁହେଁ। କେନ୍ଦ୍ର ନିୟମ କୋହଳ କଲା ପରେ କିଛି ରାଜ୍ୟ ଟେଣ୍ଡର ଡାକିଛନ୍ତି। କିନ୍ତୁ ଟିକା କଂପାନୀମାନେ କେନ୍ଦ୍ର ସରକାରଙ୍କ ଠାରୁ କ୍ଲିୟରାନ୍ସ ଚାହୁଁଛନ୍ତି। ସେମାନେ ସିଧାସଳଖ ରାଜ୍ୟ ସରକାରଙ୍କ ସହ ଚୁକ୍ତି ଚାହୁଁ ନାହାନ୍ତି। ଏଭଳି ସ୍ଥିତିରେ ଏକମାତ୍ର ବିକଳ୍ପ କେନ୍ଦ୍ର ଟିକା ଆଣି ରାଜ୍ୟକୁ ବାଂଟୁ। ସମସ୍ତଙ୍କୁ ଟିକାକରଣ ପାଇଁ ନିୟମରେ କୋହଳ ପାଇଁ ରାଜ୍ୟକୁ ଅନୁମତି ମିଳୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ କରୋନା ଟିକା ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଟେଣ୍ଡରରେ ଦେଶର ଦୁଇ ପ୍ରମୁଖ ଟିକା ଉତ୍ପାଦନକାରୀ କମ୍ପାନୀ ଶିରମ ଇନଷ୍ଟିଚ୍ୟୁଟ(କୋଭିଶିଲଡ) ଓ ଭାରତ ବାୟୋଟେକ (କୋଭାକ୍ସିନ)ରେ ସାମିଲ ହୋଇନାହାନ୍ତି। ବିଦେଶୀ ଟିକା କମ୍ପାନୀ ଫାଇଜର ଓ ମଡେର୍ଣ୍ଣା ମଧ୍ୟ ଟିକା ଯୋଗାଇବା ପାଇଁ ରାଜ୍ୟ ନୁହେଁ ବରଂ କେନ୍ଦ୍ର ସରକାରଙ୍କ ସହ ଚୁକ୍ତିବଦ୍ଧ ହେବାକୁ ଚାହୁଁଛନ୍ତି।

### ରାଉରକେଲାରେ ଇସ୍ପାତ୍ ନିଦାନ....

ନିକଟରେ ଦାବୀ କରିଥିଲେ । ଭାରତ ସରକାର ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ମତାମତକୁ ସମ୍ମାନ ଦେଇ ଟିକାକରଣ ନୀତିର ବିକେନ୍ଦ୍ରୀକରଣ କଲେ। ପୁନଶ୍ଚ ବର୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି କେନ୍ଦ୍ରର ଟିକାକରଣ ନୀତିକୁ ସମର୍ଥନ କରିବା ସହ କେନ୍ଦ୍ର ସରକାରଙ୍କ ମାଧ୍ୟମରେ ଟିକାର ଉପଲବ୍ଧ କରାଯାଉ ବୋଲି ଅନୁରୋଧ କରିଛନ୍ତି । ଏହି ପ୍ରସ୍ତାବ ଉପରେ ମଧ୍ୟ ଭାରତ ସରକାର ବିଚାରବିମର୍ଷ କରୁଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ସବୁ ରାଜ୍ୟକୁ ୨୩ କୋଟି ଟିକା ଯୋଗାଯାଇଥିବା ବେଳେ ବର୍ତମାନ ସୁଦ୍ଧା ଓଡ଼ିଶାକୁ ୮୫ ଲକ୍ଷ ୧୭ ହଜାର ୯୫୦ଟିକା ପ୍ରଦାନ କରାଯାଇଛି। ଭାରତର ଜନସଂଖ୍ୟା ଆଧାରରେ ଓଡ଼ିଶାର ଜନସଂଖ୍ୟା ୩.୧ ପ୍ରତିଶତ ଥିବା ବେଳେ ଓଡ଼ିଶାକୁ ଟିକା ଉତ୍ପାଦନର ୩.୭୫ ପ୍ରତିଶତ ଉପଲବ୍ଧ ହୋଇଛି ।

### ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା କ୍ଷୟକ୍ଷତି ....

ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ସମସ୍ତ କାର୍ଯ୍ୟର ଡକୁମେଂଟେସନ କରିବାର ଆବଶ୍ୟକତା ସଂପର୍କରେ କହିଥିଲେ। ବାତ୍ୟାର ଲ୍ୟାଣ୍ଡ ଫଲ୍ ର ପୂର୍ବବର୍ତୀ ସମୟର ପ୍ରସ୍ତୁତି, ସ୍ଥାନାନ୍ତର ଏବଂ ପରବର୍ତୀ ସମୟରେ ବିଭିନ୍ନ ପୁନରୁଦ୍ଧାର କାର୍ଯ୍ୟ ସଂପର୍କରେ ଡକୁମେଂଟେସନ କରାଗଲେ, ଏହା ଆଗାମୀ ଦିନରେ ଆମକୁ ବାତ୍ୟା ପରିଚାଳନାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ବାତ୍ୟାରେ ସମୁଦାୟ ୧୫୦ଟି ଗାଁରେ ଜଳମଗ୍ନ ହୋଇଥିଲା। ସାମୁଦ୍ରିକ ଲୁଣିପାଣି ଯୋଗୁ ଫସଲ ମଧ୍ୟ କ୍ଷତି ହୋଇଛି ବୋଲି ସେ କହିଥିଲେ । ବାତ୍ୟା ପରବର୍ତୀ ସମୟରେ ଲୋକଙ୍କୁ ବିଜୁଳି ଓ ପିଇବା ପାଣି ଯୋଗାଇବା ପାଇଁ ୧୦୦୦ଟି ଡିଜି ସେଟ୍, ଟ୍ୟାଙ୍କର ଓ ପିଭିସି ଟ୍ୟାଙ୍କ ଆଦି ନିୟୋଜିତ କରାଯାଇଥିଲା । ସ୍ୱତନ୍ତ୍ର ରିଲିଫ କମିଶନର ପି.କେ. ଜେନା କୃଷି ବିଭାଗର କ୍ଷୟକ୍ଷତି ସଂପର୍କରେ ଆଲୋକପାତ କରି କହିଥିଲେ ଯେ ସମୁଦ୍ରକୂଳ ପ୍ରଭାବିତ ଜିଲ୍ଲା ଗୁଡିକରେ ଲୁଣି ପାଣି ମାଡି ଯିବାରୁ ଆଗାମୀ ଖରିଫ ଫସଲ ପାଇଁ ସମସ୍ୟା ଦେଖାଦେଇଛି । ତେଣୁ ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟ ଓ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ମାନଙ୍କୁ ଏହାର ପ୍ରଭାବ ସଂପର୍କରେ ଅନୁଧ୍ୟାନ କରି ପରାମର୍ଶ ପ୍ରଦାନ କରିବା ପାଇଁ କୁହାଯାଇଛି।

## କରୋନାରେ ବୃଦ୍ଧଙ୍କ ମୃତ୍ୟୁ

ନୀଳଗିରି,୦୨/୦୬ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ କାଂଶ ଗ୍ରା.ପ.ର ଗ୍ରାମର ପୂର୍ବତନ ବ୍ୟାଙ୍କ ଅଧିକାରୀ ଚକ୍ରଧର ରାଉତ (୬୫)ଙ୍କର କରୋନା ଆକ୍ରାନ୍ତରେ ମୃତ୍ୟୁ ହୋଇଯାଇଛି । ଘଟଣାରୁପ୍ରକାଶ କାଂଶ ଷ୍ଟେଟ ବ୍ୟାଙ୍କ ଶାଖାରେ ଶ୍ରୀ ରାଉତ ବ୍ୟାଙ୍କ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ୮ଦିନ ପୂର୍ବରୁ ସେ କରୋନରେ ସଂକ୍ରମିତ ହୋଇ ବାଲେଶ୍ୱର ଜ୍ୟୋତି କୋଭିଡ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ପୁତ୍ର ତଥା ଉତ୍କଳମଣି ନିସ୍ୱାର୍ଥ ସେବା ସଂଗଠନର ରାଜ୍ୟସଂପାଦକ ନୀତେଶ ରତନ ରାଉତ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସଂଗଠନର ମୁଖ୍ୟ ଅମୂଲ୍ୟ କୁମାର ଜେନା ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୨୦,୧୯,୭୭୩ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୦୨/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୬,୮୩,୧୩୫ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୩୫,୦୦,୫୭,୩୩୦ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି।

## ମାନସିକ ପକ୍ଷାଘାତ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ପାଇଁ ମିଳିଲା ଅନୁମତି
# 'ଦି ୱେଲଫେୟାର'ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ

ବାଲେଶ୍ୱର,୦୨/୦୬ (ନି.ପ୍ର): ଦୃଷ୍ଟିହୀନ, ବଧିର ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ନିମନ୍ତେ ବାଲେଶ୍ୱରରେ ଏକାଧିକ ଆବାସିକ ବିଦ୍ୟାଳୟ ଥିବା ବେଳେ ପ୍ରଥମଥର ପାଇଁ ମାନସିକ ପକ୍ଷାଘାତ (ସେରିବ୍ରାଲ ପ୍ଲାସି) ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠାକୁ ମିଳିଛି ସରକାରୀ ଅନୁମତି। ରାଜ୍ୟ ସରକାରଙ୍କ ଏହି ମହତ ନିଷ୍ପତ୍ତିକୁ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦି ୱେଲଫେୟାର'ର କର୍ମକର୍ତ୍ତାମାନେ ବେଶ ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ 'ଦି ୱେଲଫେୟାର'ର ଉପଦେଷ୍ଟା ସୁବ୍ରତ କର ଓ ନିର୍ଦ୍ଦେଶକ ଦିବାକର ଯୋଗଦେଇ ରାଜ୍ୟ ସରକାର, ଜିଲା ପ୍ରଶାସନ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସଚିବ ଭାସ୍କରଜ୍ୟୋତି ଶର୍ମା ଓ ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନୁଷ୍ଠାନ ପକ୍ଷରୁ ଏହି ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ସରକାରଙ୍କଠାରେ ଆବେଦନ କରାଯାଇଥିଲା। ଏବେ ଚିଠି ନଂ ୪୦୮୫/ତା୨୭-୫-୨୧ ରିଖ ମୂଳେ ସରକାର ୩୦ ଜଣ ମାନସିକ ପକ୍ଷାଘାତ ଛାତ୍ରଛାତ୍ରୀଙ୍କ ଯତ୍ନ ଓ ଶିକ୍ଷା ପାଇଁ ଅନୁମତି ମିଳିଥିବା ସେମାନେ କହିଛନ୍ତି। ସମସ୍ତଙ୍କ ସହଯୋଗରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ସହ ସୁଚାରୁରୂପେ ପରିଚାଳନା ପାଇଁ ଉଚିତ ପଦକ୍ଷେପ ନିଆଯିବ ବୋଲି 'ଦି ୱେଲଫେୟାର'ର କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ବିଧାନସଭା କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୦୨/୦୬ (ନି.ପ୍ର): ଓଡ଼ିଶା ବିଧାନସଭା ସଚିବାଳୟର ବରିଷ୍ଠ ବ୍ୟକ୍ତିଗତ ସହାୟକ ଶ୍ରୀ ଘନଶ୍ୟାମ ସାହୁଙ୍କ ସରକାରୀ ଚାକିରିରୁ ଅବସର ଗ୍ରହଣ ଅବସରରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂପୂର୍ଣ୍ଣ କୋଭିଡ୍ କଟକଣା ନିୟମ ଅନୁସାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ

ବାଲେଶ୍ୱର ଗୁରୁବାର, ୦୩ ଜୁନ୍, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ କୋଭିଡ଼ ସଚେତନତା

ବାରିପଦା,୦୨/୦୬ (ନି.ପ୍ର): ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ କୋଭିଡ଼ର ଦ୍ୱିତୀୟ ପର୍ଯ୍ୟାୟକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀଙ୍କୁ ସଚେତନ କରିବା ସହିତ ଜନସାଧାରଣଙ୍କ ସେବା ଓ ସଚେତନତା ପ୍ରତି ଧ୍ୟାନ ଦେବା ନିମନ୍ତେ ଏକ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ବରିଷ୍ଠ ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ସଭାପତିତ୍ୱ କରି ବିଶ୍ୱମହାମାରୀ କରୋନାର ଭୟାବହତା ଏବଂ କିପରି ନିଜକୁ ବିପଦମୁକ୍ତ ରଖିବା ସେ ବିଷୟରେ କହିଥିଲେ । ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଲୁ ମହାପାତ୍ର ଅତିଥି ଭାବରେ ଯୋଗ ଦେଇ କରୋନା ସମୟରେ ଅଙ୍ଗେ ନିଭାଇ ଥିବା ଅନୁଭୂତି ପ୍ରକାଶ କରି ସ୍ୱେଚ୍ଛାସେବୀ ମାନେ ସତର୍କ ଓ ସଚେତନ ହୋଇ ସମାଜକୁ ସଠିକ୍ ବାର୍ତ୍ତା ଦେବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱର ଏମ୍ସର ସର୍ଜରୀ ବିଭାଗର ବରିଷ୍ଠ ଚିକିତ୍ସକ ଡ଼ ସନ୍ତୋଷ କୁମାର ମହାନ୍ତି କରୋନାର ଉତ୍ପତ୍ତି, ବଂଶ ବିସ୍ତାର, ମାସ୍କ୍ ପରିଧାନ ନିୟମ , କରୋନା ସମୟରେ ସତର୍କତା ଓ ସଚେତନତା ବାବଦରେ ନିଜର ବକ୍ତବ୍ୟ ରଖିଥିଲେ । ଡ଼ ମହାନ୍ତି ଙ୍କ ସହିତ ଅନେକ ସ୍ୱେଚ୍ଛାସେବୀ ପ୍ରଶ୍ନୋତ୍ତର କରି ଅନେକ ଉପାଦେୟ ସୂଚନା ପାଇଥିଲେ । ଓୟୁଏଟି ଭୁବନେଶ୍ୱରର ଜାତୀୟ ସେବା ଯୋଜନା ପ୍ରଶିକ୍ଷକ ଶ୍ରୀଯୁକ୍ତ ନିରଦବରଣ ଖୁଂଟିଆ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂସ୍ଥା ଅନ୍ୟ ମାନଂକ ପାଇଁ ଉଦାହରଣ ବୋଲି କହିବା ସଂଗେ ସଂଗେ ନିୟନ୍ତ୍ରଣରେ ରହିଲେ କରୋନାର ଶୀଘ୍ର ବିଲୋପ ଘଟିବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ ଜାତୀୟ ଯୋଜନା ସଂଯୋଜକ ଶ୍ରୀ ଶୁଭେନ୍ଦୁ ଦାସ ପ୍ରସଙ୍ଗର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ ସ୍ମୃତିରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରି ଥିବା ବେଳେ, କାର୍ଯ୍ୟକ୍ରମ ଅଧିକାରୀ ଡ଼ ପ୍ରତାପ ଜେନା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ଅଧିକାରୀଣୀ ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରି ଥିଲେ ।

## ଚକହରୀ ଗାଁକୁ ସଟ୍‌ଡାଉନ୍ ଘୋଷଣା କଲେ ସରପଂଚ

ଜଳେଶ୍ୱର,୨/୬ (ନି.ପ୍ର) : ବାଲେଶ୍ୱର ଜିଲାର ପଶ୍ଚିମବଂଗ ସଂଲଗ୍ନ ଜଳେଶ୍ୱର ବ୍ଲକରେ କରୋନା ପଜେଟିଭ୍ ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳୁଛି । ସରକାରୀ ଭାବେ ୧୧୫୦ ଜଣ ସଂକ୍ରମିତ ହୋଇଥିବା ବେଳେ ୮ଜଣ ମୃତ୍ୟୁବରଣ କରିଛନ୍ତି । ଗତକାଲି ୩୦୦ ଜଣଙ୍କ ସ୍ୱାବ ଟେଷ୍ଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୭୬ଜଣଙ୍କ ପଜେଟିଭ୍ ଥିବା ଜଣାଯାଇଛି । ଶିଖରପୁର ପଂଚାୟତର ଚକହରୀ ଗାଁରେ ୧୩ଜଣ ସଂକ୍ରମିତ ଚିହ୍ନଟ ହେବାପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଂଗୀନ ହେବାକୁ ତାକୁ ଚିକିତ୍ସା ଲାଗି ବାଲେଶ୍ୱର ପଠାଯାଇଛି । ସରପଂଚଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରାଯାଇଥିବାରୁ ପଂଚାୟତର ସରପଂଚ ହରେକୃଷ୍ଣ ଗିରି ଗାଁକୁ ୧୨ ଦିନ ସଟ୍‌ଡାଉନ୍ ଘୋଷଣା କରିଛନ୍ତି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୨୧୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୯,୮୮,୩୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# କେନ୍ଦ୍ରମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ

ବାରିପଦା,୦୨/୦୬ (ନି.ପ୍ର): ବାଙ୍କିଶୋଳ କୋଭିଡ ହସପିଟାଲରେ ପରିଚାଳନା ଗତ ଅବ୍ୟବସ୍ଥା ନେଇ ଭାଇରାଲ ହୋଇ ଥିବା ଫୋଟ ଓ ଭିଡିଓ କୁ ନେଇ ଗତକାଲି ଜିଲ୍ଲାପାଳ କୋଭିଡ ହସପିଟାଲ ପରିଦର୍ଶନ କରି ଗଣମାଧ୍ୟମକୁ ଦେଇଥିବା ପ୍ରେସ ଇସ୍ତାହାରରେ ଅସନ୍ତୋଷ ପ୍ରକାଶ କରି ମଙ୍ଗଳବାର ଜିଲ୍ଲା ବିଜେପିର ଏକ ପ୍ରତିନିଧି ମଣ୍ଡଳି ଜିଲ୍ଲାପାଳଙ୍କୁ ସିଧା ସଳଖ ସାକ୍ଷାତ କରିଥିଲେ । ଜିଲ୍ଲାପାଳ ଦେଇଥିବା ପ୍ରେସ ବିଜ୍ଞପ୍ତିର ତୀବ୍ର ନିନ୍ଦା ସହ ବିରୋଧ ମଧ୍ୟ କରିଥିଲେ । ଅପରାହ୍ନରେ ବାରିପଦା ସଦର ଥାନାରେ ବାଙ୍କିଶୋଳ କୋଭିଡ ହସ୍ପିଟାଲରେ କର୍ତ୍ତୃପକ୍ଷଙ୍କର ବେପରୁଆ ମନୋଭାବ ଓ ଚିକିତ୍ସାର ଅବହେଳା ଯୋଗୁଁ ମୂଲ୍ୟବାନ ଜୀବନ ନଷ୍ଟ ହେବା ଏବଂ ରୋଗୀଙ୍କୁ ମୃତ୍ୟୁ ମୁହଁକୁ ଠେଲିବା ପାଇଁ ଉଦ୍ୟମ କରିଥିବା ଷଡଯନ୍ତ୍ର କାରୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ଲିଖିତ ଅଭିଯୋଗ କରିଛନ୍ତି । କୋଭିଡ ପରିଚାଳନା ନେଇ ଦେଖାଦେଇ ଥିବା ଅବ୍ୟବସ୍ଥା ଏବେ ଜିଲ୍ଲାରେ ରାଜନୈତିକ ମୋଡ଼ ନେଇଛି । ସୂଚନା ଯୋଗ୍ୟ ବାଙ୍କୀଷୋଳ ସ୍ଥିତ କୋଭିଡ ହସ୍ପିଟାଲ ଅବ୍ୟବସ୍ଥାର ସ୍ଥିତି ପରଖିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସହିତ କୋଭିଡ ପରିଚାଳନା ବାବଦରେ ଆଲୋଚନା କରିଛନ୍ତି । ଜିଲ୍ଲା ପାଳଙ୍କ ସହିତ କେନ୍ଦ୍ର ମନ୍ତ୍ରୀଙ୍କ ଆଲୋଚନା ସମୟରେ ଏସପି ସ୍ମିଥ ପି. ପରମାର ମଧ୍ୟ ଉପସ୍ଥିତ ଥିଲେ । ଏହା ସହିତ ମନ୍ତ୍ରୀ ବାରିପଦା ସର୍କିଟ ହାଉସରେ ବିଜେପି ଜିଲ୍ଲା ପ୍ରତିନିଧି ଓ ବିଧାୟକ ମାନଙ୍କ ସହିତ ମଧ୍ୟ ବୈଠକ କରିଛନ୍ତି । ତେବେ କୋଭିଡ ହସ୍ପିଟାଲର ଅବ୍ୟବସ୍ଥା ସମ୍ବନ୍ଧରେ ବିଜେପିର ଏକ ପ୍ରତିନିଧି ମଣ୍ଡଳ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ପୂର୍ବରୁ ସାକ୍ଷାତ କରିଥିଲେ । ବାରିପଦା ବିଧାୟକ ପ୍ରକାଶ ସରେନ, ସାରସକଣା ବିଧାୟକ ଡା ବୁଢ଼ାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଡେଇ, ଜିଲ୍ଲା ସଭାପତି କାନ୍ଦ୍ରା ସରେନ, ପୁର୍ବତନ ବିଜେପି ଜିଲ୍ଲା ସଭାପତି ଡ଼ଃ କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ଜିଲ୍ଲାପାଳଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିବା ବେଳେ, ପ୍ରତିକ୍ରିୟାରେ ସେମାନେ ଜିଲ୍ଲାପାଳଙ୍କ ଉତ୍ତରରେ ସନ୍ତୁଷ୍ଟ ନଥିବାର କହିଥିଲେ ।

## ଦିନକରେ୨୪୦ ନୂଆ ସଂକ୍ରମିତ ଓ ସୁସ୍ଥ ହେଲେ ୨୩୯

ବାଲେଶ୍ୱର,୦୨/୦୬ (ନି.ପ୍ର): ବାତ୍ୟା ପରେ ବାଲେଶ୍ୱରରେ ଗତ ୫ଦିନ ଧରି ବଢ଼ି ଚାଲିଥିବା କରୋନା ସଂକ୍ରମଣ ହାରରେ ବୁଧବାର କିଛି ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାରେ୨୪୦ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଗୋପାଳଗାଁରୁ ୪ ଜଣ, ସହଦେବଖଣ୍ଟାରୁ ୪, ମୋତିଗଞ୍ଜରୁ ୪, ସୁନହଟରୁ ୩, ଆଜିମାବାଦରୁ ୨, ମୁଖ୍ୟ ଚିକିତ୍ସାଳୟରୁ ୨ଜଣଙ୍କ ସମେତ ଚୁନଭାଟି, କଂଗ୍ରେସ ଗଳି, ଦାମୋଦରପୁର, ଗଡ଼ଗଡ଼ିଆ, ଜିଲା କୋର୍ଟ, ହେମକାପଦା, ମାନସିଂବଜାର, ପୁଲିସ ଲାଇନ, ରାଣୀପାଟଣା, ଶୋଭାରାମପୁର ଓ ତେଲେଙ୍ଗାସାହିରୁ ଜଣେ ଲେଖାଏଁ ଅଛନ୍ତି । ସେହିଭଳି ସଦର ବ୍ଲକରୁ ୪୫ ଜଣ, ରେମୁଣା ବ୍ଲକରୁ ୨୮, ବାହାନଗାରୁ ୨୭, ବାଲିଆପାଳରୁ ୧୨, ବସ୍ତାରୁ ୪୧, ଭୋଗରାଇରୁ ଜଣେ, ଜଳେଶ୍ୱରରୁ ଜଣେ, ଖଇରାରୁ ୩, ନୀଳଗିରରୁ ୧୯, ଔପଦାରୁ ୯, ସିମୁଳିଆରୁ ୧୫ ଓ ସୋର ବ୍ଲକରୁ ୯ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ମୋଟ ୨୫,୨୬୮ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଗୋଟିଏ ଦିନରେ ୨୩୯ ଜଣ ଆକ୍ରାନ୍ତ ସୁସ୍ଥ ମଧ୍ୟ ହୋଇଛନ୍ତି । ଏବେ ସୁଦ୍ଧା ଜିଲାରେ ମୋଟ ୨୧,୪୩୨ଜଣ ସୁସ୍ଥ ହୋଇଛନ୍ତି । ଏବେ ଜିଲାରେ ସକ୍ରିୟ ଥିବା ୩,୭୨୫ ଜଣ ସଂକ୍ରମିତଙ୍କ ମଧ୍ୟରୁ ୩,୪୧୦ ଜଣ ଗୃହ ସଙ୍ଗରୋଧରେ ଏବଂ ୩୧୫ଜଣ ଜିଲାର ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ଜଣେ ୫୬ ବର୍ଷୀୟ ପୁରୁଷ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଏବେ ସୁଦ୍ଧା ଜିଲାର ମୃତ୍ୟୁ ସଂଖ୍ୟା ୧୧୧ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ସଂକ୍ରମଣ ରୋକିବାକୁ ଟିକାକରଣ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ବାଲେଶ୍ୱର ଜିଲାରେ ଗତ ୩ ଦିନ ଧରି ଚାଲିଥିବା ସାମୂହିକ ଟିକାକରଣରେ ବୁଧବାର ୪,୪୪୯ ଜଣ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ୧୮ ବର୍ଷରୁ ୪୪ ବର୍ଷ ମଧ୍ୟରେ ଯୁବବର୍ଗଙ୍କୁ ତୁରନ୍ତ କରୋନା ଟିକା ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ଜୋର ଧରିବାରେ ଲାଗିଛି ।

## ପୌରାଞ୍ଚଳ ବାତ୍ୟା ପୀଡ଼ିତଙ୍କୁ 'ଓଡିଶା ମୋ ପରିବାର'ର ସହାୟତା

ବାଲେଶ୍ୱର,୦୨/୦୬ (ନି.ପ୍ର): ସାମୁଦ୍ରିକ ବାତ୍ୟା 'ୟସ'ରେ ବାଲେଶ୍ୱର ପୌରାଞ୍ଚଳର ପ୍ରଭାବିତ ଓ କ୍ଷତିଗ୍ରସ୍ତ ପରିବାରଙ୍କୁ 'ଓଡ଼ିଶା ମୋ ପରିବାର' ରିଲିଫ ପ୍ରଦାନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ପୌରପାଳିକାର ୧ନଂ ଓ ୬ନଂ ୱାର୍ଡ଼ରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ସମାଜସେବୀ ସୁବାସିନୀ ଜେନା, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବିଜେଡି ଟାଉନ ସଭାପତି ସନତ ଦାସ, ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ପହଞ୍ଚି ବାତ୍ୟା ବିପନ୍ନଙ୍କୁ ପଲିଥିନ, ରାସନ ସାମଗ୍ରୀ ଓ ଔଷଧ ପ୍ରଭୃତି ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ମୋ ପରିବାର ପକ୍ଷରୁ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଏହି ସହାୟତା ପ୍ରଦାନ କରାଯାଉଛି ବୋଲି ବିଧାୟକ ଶ୍ରୀ ଦାସ ସୂଚନା ଦେଇଛନ୍ତି । ତେବେ ଜନସାଧାରଣ କୋଭିଡ ନିୟମ ମାନି ଶାନ୍ତି ଶୃଙ୍ଖଳା ରକ୍ଷା ସହ ସହଯୋଗ କରିବାକୁ ବିଧାୟକ ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି । ୧ନଂ ୱାର୍ଡ଼ର ରାମଚନ୍ଦ୍ର ନାଥ ଓ ଦିଲୀପ କୁମାର ବେହେରା ଏବଂ ୬ ନଂ ୱାର୍ଡ଼ରେ ପୂର୍ବତନ କାଉନସିଲର ଅସମା ବିବିଙ୍କ ନେତୃତ୍ୱରେ ଆୟୋଜିତ ରିଲିଫ ପ୍ରଦାନ କାର୍ଯ୍ୟକ୍ରମକୁ ବିଜୁ ମହିଳା ଜନତା ଦଳର ଟାଉନ କମିଟିର କର୍ମକର୍ତ୍ତା ଓ ସଦସ୍ୟାମାନେ ପରିଚାଳନା କରିଥିଲେ ।

## ହତଭାଗ୍ୟ ଓଡ଼ିଶାକୁ କେବଳ ଜଗନ୍ନାଥ ହିଁ ଭରସା : ନିରଞ୍ଜନ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ସରକାର ରାଜ୍ୟରେ ଲୋକଙ୍କ ଜୀବନ ରକ୍ଷାକରିବା ପାଇଁ ଆବଶ୍ୟକୀୟ ଔଷଧ, ଅକ୍ସିଜେନ, ଟୀକା ଘରେ ଘରେ ପଂହଚାଇବାରେ ଆନ୍ତରିକତା ଦେଖାଉନଥିବା ବେଳେ ମଦକୁ ଘରେ ଘରେ ପଂହଚାଇବାର ଆଇନସଂଗତ ବ୍ୟବସ୍ଥା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅତି ଦୁଃଖର ସହିତ ପ୍ରକାଶ କରିଛନ୍ତି । ଏ ରାଜ୍ୟର ଭାଗ୍ୟ ଆଜି ହତଭାଗ୍ୟରେ ପରିଣତ ହୋଇଛି । କେବଳ ମହାପ୍ରଭୁ ଜଗନ୍ନାଥହିଁ ସାହା ଭରଷା ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

## ଏଭେରେଷ୍ଟ ଇଣ୍ଡଷ୍ଟ୍ରିଜ ପକ୍ଷରୁ ୭ ଅମ୍ଳଜାନ ସିଲିଣ୍ଡର ପ୍ରଦାନ

ବାଲେଶ୍ୱର,୦୨/୦୬ (ନି.ପ୍ର): କରୋନା ସଂକ୍ରମିତଙ୍କୁ ଉଚିତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସୋମନାଥପୁରସ୍ଥିତ ଏଭେରେଷ୍ଟ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ୭ ଗୋଟି ଅମ୍ଳଜାନ ସିଲିଣ୍ଡର ପ୍ରଦାନ କରାଯାଇଛି । ଏଭେରେଷ୍ଟ କାରଖାନା ମୁଖ୍ୟ ମାଧବ ଚନ୍ଦ୍ର ଜେନା, ମାନବ ସମ୍ବଳ ଅଧିକାରୀ ମାନସ ଚୌଧୁରୀ, ସୁରକ୍ଷା ଅଧିକାରୀ ସୌରଭ ମିଶ୍ର ଓ ସୁବ୍ରତ ବେହେରା ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବଙ୍କୁ ଏହି ଅମ୍ଳଜାନ ସିଲିଣ୍ଡର ପ୍ରଦାନ କରିଛନ୍ତି । ସମ୍ପ୍ରତି କୋଭିଡ ଆକ୍ରାନ୍ତଙ୍କ ପାଇଁ ଅମ୍ଳଜାନ ଏକାନ୍ତ ଆବଶ୍ୟକ ହୋଇଥିବା ବେଳେ ଶିଳ୍ପାନୁଷ୍ଠାନ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ଏହି ସହଯୋଗ କରାଯାଉଥିବା ଅଧିକାରୀମାନେ କହିଥିଲେ । ଏଭେରେଷ୍ଟ ଶିଳ୍ପାନୁଷ୍ଠାନର ଏଭଳି ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା ସହ ଏହା ଅନ୍ୟାମନଙ୍କ ପାଇଁ ପ୍ରେରଣା ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜଗଦେବ ଆଶା ପ୍ରକାଶ କରିଛନ୍ତି ।

## ବିଜୟଶ୍ରୀ ରାଉତରାୟଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଶୋକ

ବାଲେଶ୍ୱର,୦୨/୦୬ (ନି.ପ୍ର): ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶା ରାଜନୀତିରେ ପ୍ରଚଣ୍ଡ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ବିଜୟଶ୍ରୀ ରାଉତରାୟ ଯିଏକି ୨୦୦୦ ମସିହାରୁ ଓଡ଼ିଶା ଶାସନରେ ଓଡ଼ିଶା ସରକାରଙ୍କର ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବରେ ବିଭିନ୍ନ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପନ୍ନ କରି ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ ଆଜି ତାଙ୍କର ଅକାଳ ବିୟୋଗ ଓଡ଼ିଶା ରାଜନୀତି କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି । ମୁଁ ତାଙ୍କ ପରଲୋକରେ ଗଭୀର ମର୍ମାହତ ଓ ଦୁଃଖିତ । ଭଗବାନ ତାଙ୍କର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଓ ଶୋକସନ୍ତପ୍ତ ପରିବାରକୁ ସହାୟ ହୁଅନ୍ତୁ ଏତିକି ମୋର ପ୍ରାର୍ଥନା ।

## ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ନୀଳଗିରି,୦୨/୦୬ (ନି.ପ୍ର): ପୂରୀରେ ଧରିତ୍ରୀର କାର୍ଯ୍ୟରତ ସାମ୍ବାଦିକ ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ଅମାନୁଷିକ ଭାବେ ଆକ୍ରମଣ କରିବା ଘଟଣାକୁ ନୀଳଗିରି ସାମ୍ବାଦିକ ମହଲ ଓ ବୁଦ୍ଧିଜୀବୀ, ଓକିଲ ସଂଘ ପକ୍ଷରୁ ଘୋର ନିନ୍ଦା କରାଯାଇଛି । ପୋଲିସ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀରେ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଯେଉଁଭଳି ଭାବରେ କର୍ତ୍ତବ୍ୟରତ ସାମ୍ବାଦିକ ଙ୍କୁ ପୋଲିସ ପକ୍ଷରୁ ଅମାନବୀୟ ଓ ବର୍ବରଚିତ ଗୁଣ୍ଡାରାଜ ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା । ଯଦି ପୋଲିସ ବିରୁଦ୍ଧରେ ଦୃଢ଼ ଆଇନଗତ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ , ତାହେଲେ ନୀଳଗିରି ସମ୍ବାଦିକ ସଂଘ ତରଫରୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## କାଂଚନ ଫାଉଣ୍ଡେସନ ଓ ଭାରତ ମସଲା ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ମହାମାରୀ କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ଭୟଙ୍କର ରୂପ ଧାରଣ କରୁଛି । ଏଥିରେ ସଂକ୍ରମିତ ହୋଇ ଅନେକ ଲୋକ ମୃତ୍ୟୁବରଣ କଲେଣି । ଯେଉଁଥିପାଇଁ ରାଜ୍ୟ ସରକାର ବାରମ୍ବାର ଲକଡ଼ାଉନ ଓ ସଟ୍‌ଡ଼ାଉନ ଘୋଷଣା କରିଛନ୍ତି । କ୍ରମାଗତ ଭାବେ ଲକଡ଼ାଉନ ଓ ସଟଡ଼ାଉନ ଲାଗୁ ଫଳରେ ଲୋକମାନେ ଏକପ୍ରକାର ଜୀବନ ଜୀବିକା ହରାଇ ବସିଛନ୍ତି । ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି । ଏପରିକି ନିଜର ପରିବାର ପ୍ରତିପୋଷଣ କରିବାରେ ଏମାନେ ଅସମର୍ଥ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକମାନଙ୍କୁ ସହଯୋଗର ହାତ ବଢାଇଛି କାଂଚନ ଫାଉଣ୍ଡେସନ ଏବଂ ଭାରତ ମସଲା । କାଂଚନ ଫାଉଣ୍ଡେସନ ଓ ଭାରତ ମସଲା ପକ୍ଷରୁ ଭୁବନେଶ୍ୱର ନିକଟସ୍ଥ ବାଲିଅନ୍ତା ବ୍ଲକର ବିଭିନ୍ନ ଅଂଚଳରେ ୭୦ରୁ ଊର୍ଦ୍ଧ୍ୱ ପରିବାରକୁ ଅଟା, ସିମେଇ, ସୋୟାବିନ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଛତୁଆ ଆଦି ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଭାରତ 